



## ସଂକ୍ଷେପରେ

### ବଧୂ ହତ୍ୟା ମାମଲା: ସ୍ୱାମୀ, ଶାଶୁ ଶ୍ୱଶୁର ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ,୨୫।୪: ଜନୈକା ମହିଳା ସ୍ମୃତି ନାୟକଙ୍କୁ ଅଧିକ ଯୌତୁକ ଦାବି ନେଇ ହତ୍ୟା ମାମଲାର ଶୁଣାଣି ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଦୀପକ କୁମାର ଗୁରୁବାର କରିଥିଲେ। ପ୍ରମାଣ ଅଭାବରୁ ସ୍ୱାମୀ ରାଧାକୃଷ୍ଣ ରାଉତ, ଶାଶୁ ଗାୟତ୍ରୀ ରାଉତ ଓ ଶ୍ୱଶୁର ଅର୍ଜୁନ ରାଉତଙ୍କୁ ନିର୍ଦ୍ଦୋଷରେ ଖଲାସ ପାଇଁ ଏଡିଜେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ସାତପାଣ୍ଡିଆ ଗ୍ରାମର କୋରା ନାୟକଙ୍କ କନ୍ୟା ସ୍ମୃତିଙ୍କୁ କୁକୁଡ଼ାଖଣ୍ଡିର ରାଧାକୃଷ୍ଣ ରାଉତ ୨୦୦୯ ମାର୍ଚ୍ଚ ୧୦ ତାରିଖରେ ବିବାହ କରିଥିଲେ। ଦାବି ମୁତାବକ କନ୍ୟା ପିତା କୋରା ଜ୍ୱାଇଁଙ୍କୁ ନଗଦ ୮୫ ହଜାର ଟଙ୍କା, ୧୫ ଭରି ସୁନା ଗହଣା, ୫ ଭରି ରୁପା ଓ ଘରକରଣା ସାମଗ୍ରୀ ଦେଇଥିଲେ। ବିବାହର ୧ ବର୍ଷ ପରେ ସ୍ମୃତି ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଏହାକୁ ନେଇ ରାଧାକୃଷ୍ଣ, ତାଙ୍କ ବାପା ଓ ମା' ତାଙ୍କୁ ଅଧିକ ୫ ଲକ୍ଷ ଟଙ୍କା ବାପ ଘରୁ ଆଣିବାକୁ ନେଇ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। କୋରା ଏତେ ଟଙ୍କା ଜ୍ୱାଇଁଙ୍କୁ ଦେବାକୁ ଅସମର୍ଥ ଥିଲେ। ହଠାତ ୨୦୧୩ ଫେବୃୟାରୀ ୧ ତାରିଖରେ ସ୍ମୃତିଙ୍କ ଦେହ ଖରାପ ଅଛି ବୋଲି ଜ୍ୱାଇଁ ରାଧାକୃଷ୍ଣ ଶ୍ୱଶୁରଙ୍କୁ ଖବର ଦେଇଥିଲେ। କୋରା ଓ ତାଙ୍କ ପରିବାର ସେଠାରେ ପହଞ୍ଚିବା ବେଳେ ଝିଅ ମରି ଯାଇଥିବା ଦେଖିବାକୁ ପାଇଥିଲେ। ଝିଅକୁ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମାରି ଦେଇଥିବା ନେଇ କୋରା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୨/୧୩ରେ ଏକ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ ପରେ ରାଧାକୃଷ୍ଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଶ୍ୱଶୁର ଓ ଶାଶୁ ହାଇକୋର୍ଟରୁ ଜାମିନ ପାଇଥିଲେ। ଗୁରୁବାର ୩୨ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଉପରୋକ୍ତ ୩ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

■ ଯୁକ୍ତ ୨ ଖାତାଦେଖାରେ ଗୁରୁତର ବିଭ୍ରାଟ

# ଇ-ମୂଲ୍ୟାୟନ କେନ୍ଦ୍ରରେ ରହୁନି ଇଣ୍ଟରନେଟ୍

ବ୍ରହ୍ମପୁର ଅଫିସ,୨୫।୪

ଶିକ୍ଷା କ୍ଷେତ୍ର ଭଳି ଏକ ସମ୍ବେଦନଶୀଳ ବିଷୟକୁ ନେଇ ରାଜ୍ୟ ସରକାର କେମିତି ଖାମଖିଆଲ ମନୋଭାବ ରଖୁଛନ୍ତି, ତାହା ଯୁକ୍ତ ୨ ଖାତାଦେଖାରେ ସୃଷ୍ଟି ହୋଇଥିବା ବିଭ୍ରାଟରୁ ପ୍ରମାଣିତ ହେଉଛି । ବର୍ତ୍ତମାନ ଯୁକ୍ତ ୨ ଖାତା ମୂଲ୍ୟାୟନ ଚାଲିଛି । ମାନୁଆଲ୍ ବା ଅଫ୍‌ଲାଇନ୍ ଏବଂ ଇ-ମୂଲ୍ୟାୟାନ ବା ଅନ୍‌ଲାଇନ୍‌ରେ ଖାତା ମୂଲ୍ୟାୟନ କରାଯାଉଛି । ତେବେ ଆଶ୍ଚର୍ଯ୍ୟର ବିଷୟ ହେଲା ଇ-ମୂଲ୍ୟାୟାନ କେନ୍ଦ୍ରରେ ଖାତା ମୂଲ୍ୟାୟନ କାର୍ଯ୍ୟ ଅନ୍‌ଲାଇନ୍‌ରେ ହେଉଥିବା ବେଳେ ବ୍ରହ୍ମପୁରରେ ଥିବା କେନ୍ଦ୍ରରେ ଇଣ୍ଟର୍‌ନେଟ ସଂଯୋଗ ରହୁନି। ପ୍ରାୟତଃ ଇଣ୍ଟରନେଟ୍ ସଂଯୋଗ ବିଚ୍ଛିନ୍ନ ରହୁଛି । ଫଳରେ ଖାତା ଦେଖା ଗୁରୁତର ପ୍ରଭାବିତ ହେଉଛି। ଅଧ୍ୟାପିକା ଅଧ୍ୟାପକମାନେ କେନ୍ଦ୍ରରେ ବସି ବସି ଫେରିଯାଉଛନ୍ତି। ତଥାପି ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ।

ଉଲ୍ଲେଖଯୋଗ୍ୟ ଯେ, ଏପ୍ରିଲ୍ ୮ ତାରିଖରୁ ପ୍ରଥମ ପର୍ଯ୍ୟାୟ ଯୁକ୍ତ ୨ ଖାତାଦେଖା ବର୍ତ୍ତମାନ ସୁଦ୍ଧା ଚାଲିଛି । ପ୍ରଥମ ପର୍ଯ୍ୟାୟ ମୂଲ୍ୟାୟନ ନିମନ୍ତେ ଦକ୍ଷିଣାଞ୍ଚଳର ୮ଟି ଜିଲାରେ ୯୯ଟି ଟେବୁଲ୍‌ରେ ମୋଟ ୬୯୨ ଜଣ ପରୀକ୍ଷକ ନିୟୋଜିତ ହୋଇଛନ୍ତି । ପ୍ରଥମ ପର୍ଯ୍ୟାୟ ମାନୁଆଲ ମୂଲ୍ୟାୟନ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଇ-ମୂଲ୍ୟାୟନ ସରୁନି। ଆସନ୍ତା ୩୦ତାରିଖ ସୁଦ୍ଧା ସାରିବାକୁ ବିଭାଗ ଲକ୍ଷ୍ୟ ରଖିଥିବା ବେଳେ ଏହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । କାରଣ ଇ-ମୂଲ୍ୟାୟନ କେନ୍ଦ୍ରରେ ଇଣ୍ଟର୍‌ନେଟ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଉଛି। ପ୍ରଥମ ପର୍ଯ୍ୟାୟ ଇ-ମୂଲ୍ୟାୟନ ନିମନ୍ତେ ୫ କେନ୍ଦ୍ରରେ ୪୦ଟି ଟେବୁଲରେ ୩୦୮ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ବ୍ରହ୍ମପୁରରେ ଗିରି ରୋଡ୍ ସ୍ଥିତ ଏକ ଘରୋଇ ପ୍ରତିଯୋଗିତାମୂଳକ ଶିକ୍ଷାନୁଷ୍ଠାନରେ ଇ-ମୂଲ୍ୟାୟାନ କରାଯାଉଛି । ଏହି କେନ୍ଦ୍ରରେ ୩୦ କମ୍ପ୍ୟୁଟର(ପିସି) ଏବଂ ୧୦ଟି ଲ୍ୟାପଟପ୍ ରଖାଯାଇଛି। ଦୁଇଟି ସିଟିଂରେ ଖାତା ଦେଖାଯାଉଛି। ସକାଳ ୮ଟାରୁ ଦିନ ୧ଟା ଏବଂ ଦିନ ୧ଟାରୁ ଅପରାହ୍ନ ୪ଟା । ମୋଟ ୬୨ଜଣ ଅଧାପିକା ଏବଂ ଅଧ୍ୟାପକ ଖାତା ଦେଖା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ତେବେ ଏହି ଇ-ମୂଲ୍ୟାୟନ କେନ୍ଦ୍ରରେ ସମସ୍ୟା ହେଲା ଇଣ୍ଟର୍‌ନେଟ୍ । ପ୍ରଥମ ତିନି ଦିନ ଅର୍ଥାତ୍ ଏପ୍ରିଲ୍ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଆଦୌ ଇଣ୍ଟରନେଟ୍ ସଂଯୋଗ ରହିଲାନି । ଆରମ୍ଭରୁ ହିଁ ଗୁରୁତର ବିଭ୍ରାଟ ଦେଖିବାକୁ ମିଳିଲା । ଅଧ୍ୟାପିକା ଅଧ୍ୟାପକମାନେ କେନ୍ଦ୍ରକୁ ଆସି ଇଣ୍ଟରନେଟ୍‌କୁ ଅପେକ୍ଷା କରି କରି ଶେଷରେ ନିରାଶ ହେଲେ । ଏଣୁ ଏହି ତିନି ଦିନ ପ୍ରାୟତଃ ଖାତା ଦେଖା ହୋଇପାରିଲା ନାହିଁ। ପରବର୍ତ୍ତୀ ଦିନଗୁଡ଼ିକରେ ଇଣ୍ଟର୍‌ନେଟ୍ ସଂଯୋଗ ରହୁଥିଲେ ମଧ୍ୟ ତାହା କଟିଯାଉଥିଲା। ଫଳରେ ସ୍ୱାଭାବିକ ଭାବେ ଖାତା ଦେଖା ହୋଇପାରିଲାନି। ଏବେ ପୁଣି ଥରେ ଗତ କିଛି ଦିନ ହେଲା ଇଣ୍ଟର୍‌ନେଟ୍ ସଂଯୋଗ ଏକ ପ୍ରକାର ବିଚ୍ଛିନ୍ନ ହୋଇଯାଇଛି। ଖାତା ଦେଖା ଅଧା ହୋଇଥିବ, ସଂଯୋଗ କଟିଯାଉଛି, ଯାହାକୁ ନେଇ ଅଧ୍ୟାପିକା ଅଧ୍ୟାପକମାନେ ହଇରାଣ ହେଉଛନ୍ତି । ସକାଳ ୮ଟା ସୁଦ୍ଧା ସେମାନେ କେନ୍ଦ୍ରରେ ପହଞ୍ଚି ଯାଉଛନ୍ତି । କିନ୍ତୁ ଇଣ୍ଟର୍‌ନେଟ୍ ସଂଯୋଗ ରହୁନାହିଁ। ଗୁରୁବାର ଏଭଳି ସମସ୍ୟା ଦେଖିବାକୁ ମିଳିଥିଲା । ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆଦୌ ଇଣ୍ଟର୍‌ନେଟ୍ ନ ଥିଲା। ପ୍ରଥମ ସିଟିଂ ଖାତା ଦେଖା ହୋଇପାରିଲା ନାହିଁ । ଦ୍ୱିତୀୟ ସିଟିଂ ମଧ୍ୟ ଇଣ୍ଟର୍‌ନେଟ୍ ସମସ୍ୟା ଯୋଗୁ ପ୍ରଭାବିତ ହେଲା । ତେବେ କେତେକ ଅଧ୍ୟାପିକା ଅଧ୍ୟାପକ ଏକ କାମଚଳା ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଲ୍ୟାପଟପ୍‌ରେ ହଟ୍‌ସ୍ପଟ୍(ୱାଇ-ଫାଇ) ସୁବିଧା ଥାଏ। ଏଣୁ ସେମାନେ ମୋବାଇଲ୍‌ର ଇଣ୍ଟର୍‌ନେଟ୍‌କୁ ହଟ୍‌ସ୍ପଟ୍ ଜରିଆରେ ଲ୍ୟାପଟପ୍‌ରେ ସଂଯୋଗ କରି ଖାତା ମୂଲ୍ୟାୟନ କରୁଛନ୍ତି । କିନ୍ତୁ କମ୍ପ୍ୟୁଟର(ପିସି)ରେ ଏ ସୁବିଧା ନ ଥିବା ଯୋଗୁ ମୂଲ୍ୟାୟନ ବନ୍ଦ ହୋଇଯାଉଛି। ନିୟମିତ ମୂଲ୍ୟାୟନକାରୀମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ବିଭାଗ ତରଫରୁ ଇ-ମୂଲ୍ୟାନ କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅନ୍ୟପଟେ ପ୍ରଥମ ପର୍ଯ୍ୟାୟ ଇ-ମୂଲ୍ୟାୟନ ଶେଷ ହୋଇ ନ ଥିବା ବେଳେ ମେ' ପହିଲାରୁ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଉଛି । ଏଣୁ ଖାତା ମୂଲ୍ୟାୟନ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି ।


ଇ-ମୂଲ୍ୟାୟନ କେନ୍ଦ୍ରରେ ଇଣ୍ଟର୍‌ନେଟ୍ ନ ଥିବା ଯୋଗୁ ଖାତା ଦେଖା ପ୍ରଭାବିତ ହୋଇଛି ।

- ମୋବାଇଲ୍ ଫୋନ ହଟ୍‌ସ୍ପଟ୍‌ରେ ଚାଲୁଛି ଲାପଟପ୍
- ନିରାଶ ହେଲେଣି ମୂଲ୍ୟାୟନକାରୀ
- ୩୦ତାରିଖ ପୂର୍ବରୁ ସରିବା ନେଇ ସନ୍ଦେହ

## ସେଲ୍‌ଫି କର୍ଣ୍ଣର


ସଞ୍ଜିବ


ଲିପୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସମ୍ମାନିତ ହେବେ ୫ ଆଇନଜୀବୀ

ବ୍ରହ୍ମପୁର ଅଫିସ,୨୫।୪

ବ୍ରହ୍ମପୁର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ କାର୍ଯ୍ୟରତ ୫ ଜଣ ବରିଷ୍ଠ ଆଇନଜୀବୀଙ୍କୁ ଆସନ୍ତା ୨୮ରେ ମଧୁବାବୁଙ୍କ ଜୟନ୍ତୀ ଅବସରରେ ସମ୍ମାନିତ କରାଯିବ। ଏନେଇ ଗୁରୁବାର ଗଞ୍ଜାମ ଓକିଲ ସଂଘ ସମ୍ପାଦକ କୈଳାସଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆସନ୍ତା ୨୮ ତାରିଖରେ ବରିଷ୍ଠ ଆଇନଜୀବୀ ରାଧାକୃଷ୍ଣ ପାଢ଼ୀ, ସୁଶାନ୍ତ କୁମାର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ଶତ୍ରୁଘ୍ନ ପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ଜିଲା ଜଜ୍ ସମ୍ମାନିତ କରିବେ ବୋଲି ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ କହିଛନ୍ତି। ଏହି ଆଇନଜୀବୀମାନେ ବିଗତ ୪୦ ବର୍ଷ ଧରି ନିଜର ପେଷା ନିଷ୍ଠାର ସହ କରି ଆସୁଛନ୍ତି ।

## ଅମ୍ବିକା ନଗର ବୋମାମାଡ଼ ଘଟଣା: ମୁଖ୍ୟ ଅଭିଯୁକ୍ତ ଟିକୁ ମୁନି ଗିରଫ, ବୁଲେଟ ଜବତ

ବ୍ରହ୍ମପୁର ଅଫିସ,୨୫।୪

ଟାଉନ ଥାନା ଅନ୍ତର୍ଗତ ଅମ୍ବିକା ନଗରରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଟିକୁ ମୁନି ଓରଫ ଲକ୍ଷ୍ମୀ ନାରାୟଣ ମୁନିଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ମୋବାଇଲ ଫୋନ ଟ୍ରାକିଂ କରି ଗଞ୍ଜାମରୁ ଟିକୁଙ୍କୁ ଗିରଫ କରାଯାଇଛି । ପୋଲିସ ତାଙ୍କ ନିକଟରୁ ୨ଟି ଅଫୁଟା ବୋମା ଓ ସେ ଘଟଣା ବେଳେ ବ୍ୟବହାର କରିଥିବା ବୁଲେଟକୁ ଜବତ କରିଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ନଂ. ୯୨/୧୯ରେ ଗୁରୁବାର ଟିକୁ ମୁନିଙ୍କୁ କୋର୍ଟଚାଲାଣ କରାଯାଇଛି। ବୋମା ମାଡ଼ରେ ଆହତ ହୋଇଥିବା ମନୋଜ ବେହେରା ପୂର୍ବରୁ ଟିକୁଙ୍କୁ ପଥରରେ ଛେଚି ଦେଇଥିଲେ। ଏଣୁ ମନୋଜ ପ୍ରତିଶୋଧ ନେବା ପାଇଁ ଟିକୁ ତାଙ୍କ ଉପରକୁ ବୋମାମାଡ଼ କରିଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ପ୍ରକାଶ ଯେ, ଗତ ୧୩ ତାରିଖ ରାତି ପ୍ରାୟ ୧୦ଟା ବେଳେ ବିଜିପୁର ଅମ୍ବିକା ନଗରର ମନୋଜ ଓରଫ ଆକରା ତାଙ୍କ ବାଇକ୍‌ରେ ଘରକୁ ଫେରୁଥିଲେ। ସେହି ସମୟରେ ୨ଜଣ ଯୁବକ ବାଇକ୍‌ରେ ଆସି ତାଙ୍କ ଉପରକୁ ବୋମା ମାଡ଼ କରିଥିଲେ। ବୋମାଟି ମନୋଜଙ୍କ ଦେହରେ ନ ବାଜି ତଳେ ପଡ଼ି ଫୁଟିଥିଲା। ବୋମାର କେତେକ ଅଂଶ ମନୋଜଙ୍କ ଗୋଡ଼ରେ ବାଜିଥିଲା । ଫଳରେ ମନୋଜ ସାମାନ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ଫେରାର ଥିବା ଟିକୁ ମୁନିଙ୍କ ସହଯୋଗୀଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଏସ୍‌ଡିପିଓ ପତି କହିଛନ୍ତି ।


ଗିରଫ ଅଭିଯୁକ୍ତ ।

## ବାଳକରେ ପିଟ୍‌ବୁଲ୍‌ସ, ବାଳିକାରେ ଚ୍ୟାଲେଞ୍ଜର୍ସ ଚାମ୍ପିୟନ୍


ଅତିଥିଙ୍କ ଗହଣରେ ବାଳକ ବର୍ଗରେ ଚାମ୍ପିୟନ୍ ପିଟବୁଲ୍‌ସ ଏବଂ ବାଳିକା ବର୍ଗରେ ଚାମ୍ପିୟନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ।

ବ୍ରହ୍ମପୁର ଅଫିସ,୨୫।୪

**ବାସ୍କେଟବଲ୍ ଲିଗ୍ ଉଦ୍‌ଯାପିତ**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଗତ ୩ ଦିନ ହେଲା ଚାଲିଥିବା ପ୍ରଥମ ବ୍ରହ୍ମପୁର ଗ୍ରୀଷ୍ମକାଳୀନ ବାସ୍କେଟବଲ୍ ଲିଗ୍ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି । ବାଳକ ବର୍ଗରେ ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ୍ ମ୍ୟାଚ୍ ବ୍ରହ୍ମପୁର ପିଟ୍‌ବୁଲ୍‌ସ ଏବଂ ବ୍ରହ୍ମପୁର ହୁପ୍‌ଷ୍ଟର୍ସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌କୁ ପିଟବୁଲ୍‌ସ ୬୪-୪୫ ପଏଣ୍ଟରେ ଜିତି ଚାମ୍ପିୟନ୍ ହୋଇଛି । ବାଳକ ବର୍ଗର ତୃତୀୟ ଏବଂ ଚତୁର୍ଥ ସ୍ଥାନ ପାଇଁ ବ୍ରହ୍ମପୁର ଉରି ଏବଂ ବ୍ରହ୍ମପୁର ପାଣ୍ଡବସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଉରି ୩୫-୧୧ ପଏଣ୍ଟରେ ପାଣ୍ଡବସ୍‌ଙ୍କୁ ପରାସ୍ତ କରିଥିଲା। ସେହିଭଳି ବାଳିକା ବର୍ଗର ଫାଇନାଲ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବ୍ରହ୍ମପୁର ଏବଂ ବ୍ରହ୍ମପୁର ରକର୍ସ ମଧ୍ୟରେ ଖେଳାଯାଇଥିଲା। ରୟାଲ୍ ଚ୍ୟାଲେଞ୍ଜର୍ସ ୨୭-୧୪ ପଏଣ୍ଟରେ ରକର୍ସଙ୍କୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି। ଅନ୍ୟପଟେ ବରିଷ୍ଠ ଖେଳାଳିଙ୍କୁ ନେଇ ମାଷ୍ଟର୍ସ ମ୍ୟାଚ୍ ମଧ୍ୟ ଖେଳାଯାଇଥିଲା । ଏଥିରେ ମିତେନ୍‌ସ ମାଷ୍ଟର୍ସ ୪୨-୨୮ ପଏଣ୍ଟରେ ଲିଟୁମାଷ୍ଟର୍ସଙ୍କୁ ହରାଇ ଚାମ୍ପିୟନ୍ ହୋଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜେଡ଼ି ଯୁବନେତା ଆର୍. ମୁରଲୀ ମୋହନ ଏବଂ ଲଳିତ ମଙ୍ଗରାଜ ଯୋଗଦେଇ ସଫଳ ଦଳଗୁଡ଼ିକୁ ପୁରସ୍କୃତ କରିଥିଲେ ।

■ ନିର୍ବାଚନ କାର୍ଯ୍ୟରେ ଯାଇ ଶିକ୍ଷକଙ୍କ ମୃତ୍ୟୁ ଅଭିଯୋଗ

# କ୍ଷତିପୂରଣ ଦାବିକଲେ ପରିବାର ଲୋକେ

ଫୁଲବାଣୀ ଅଫିସ, ୨୫।୪

କନ୍ଧମାଳ ଜିଲାରେ ନିର୍ବାଚନ କାର୍ଯ୍ୟରେ ଯାଇ ମାଓବାଦୀଙ୍କ ଗୁଳିରେ ଜିଆରଏସ୍ ସଂଯୁକ୍ତା ଦିଗାଲଙ୍କ ମୃତ୍ୟୁ ଘଟଣାକୁ ଲୋକେ ଭୁଲି ନାହାନ୍ତି। ସେହିପରି ଅନ୍ୟ ଜଣେ ଶିକ୍ଷକ ଅଶୋକ କୁମାର ମଲ୍ଲିକ ନିର୍ବାଚନ କାର୍ଯ୍ୟରେ ଯାଇ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ନିର୍ବାଚନ କାର୍ଯ୍ୟରେ ଯାଇ ଦେହ ଖରାପ ହେବା ପରେ ପ୍ରଶାସନ ସହାୟତାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କର ମୃତ୍ୟୁ ହୋଇଥିଲା। ନିୟମ ଅନୁସାରେ କ୍ଷତିପୂରଣ ମିଳିବା କଥା। ହେଲେ ପ୍ରଶାସନ ଜାଣିଶୁଣି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଛି। ତାଙ୍କୁ କାର୍ଯ୍ୟରୁ ରିଲିଭ କରାଯାଇଥିବା ପ୍ରଶାସନ କହୁଛି। ଯାହାକୁ ନେଇ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗୁରୁବାର ମୃତ ଶିକ୍ଷକଙ୍କ ସ୍ତ୍ରୀ, ପୁଅ ଏବଂ ସମ୍ପର୍କୀୟ ଉପ ଜିଲାପାଳଙ୍କୁ ଭେଟି କ୍ଷତିପୂରଣ ଦାବି କରିଛନ୍ତି।

ବାଲିଗୁଡା ବ୍ଲକ ସମାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଅଶୋକଙ୍କୁ ପ୍ରିଜାଇଡିଂ ଅଫିସର ଭାବେ କାର୍ଯ୍ୟରେ ଯୋଗ ଦେବାକୁ ତାଲିମ ଦିଆଯାଇଥିଲା। ଗତ ୧୬ ତାରିଖ ପୂର୍ବାହ୍ନ ସାଢ଼େ ୮ଟାରେ ଫୁଲବାଣୀ ସରକାରୀ ପଲିଟେକନିକ୍‌ରେ ଯୋଗଦେଇ ପ୍ରିଜାଇଡିଂ ଅଫିସର ଭାବେ ଅନ୍ୟ ୬ ଜଣ ପୋଲିଂ ଅଫିସରଙ୍କ ସହ ନାଁ ରେଜିଷ୍ଟ୍ରେଶନ କରିଥିଲେ। ଅଶୋକଙ୍କ ଦେହ ଅସୁସ୍ଥ ଥିବାରୁ ସେ ନିର୍ବାଚନ ଦାୟିତ୍ୱରେ ଥିବା ଉପ ଜିଲାପାଳଙ୍କୁ ରିଲିଭ କରିବା ପାଇଁ ଉକ୍ତ ଦିନ କହିଥିଲେ ମଧ ସେ କର୍ଣ୍ଣପାତ କରି ନ ଥିଲେ। ତାଙ୍କର ଫିରିଙ୍ଗିଆ ବ୍ଲକର ୩୦ ନଂ. ବୁଥରେ ଡ୍ୟୁଟି ପଡିଥିଲା। ୧୬ ତାରିଖରେ ନିର୍ବାଚନ ଲାଗି ଇଭିଏମ୍, ଭିଭିପିପଏଟି ମେଶିନ ଓ ଅର୍ଥ ଆଦି ଗ୍ରହଣ କରିଥିଲେ। ୧୭ ତାରିଖ ବୁଥ୍‌କୁ ଯିବା ଦିନ ଅଶୋକଙ୍କ ମୁଣ୍ଡ ବୁଲାଇବାରୁ ସେ ତଳେ ପଡି ଯାଇଥିଲେ। ପ୍ରଥମେ ତାଙ୍କୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ୨୦ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ନିର୍ବାଚନ କାର୍ଯ୍ୟରେ ଯାଇ ସ୍ୱାମୀଙ୍କର ମୃତ୍ୟୁ ହୋଇଛି। ନିୟମ ଅନୁସାରେ ଆମକୁ କ୍ଷତିପୂରଣ ମିଳିବା କଥା। ପ୍ରଶାସନ ଆମ କଥା ଶୁଣୁ ନାହିଁ ବୋଲି ଅଶୋକଙ୍କ ସ୍ତ୍ରୀ କାନ୍ତି କହଁର ପ୍ରକାଶ କରିଛନ୍ତି।

ଉପ ଜିଲାପାଳ ସୁଚାରୁ କୁମାର ବଳଙ୍କୁ ପଚାରିବାରୁ ସେ ୧୬ ତାରିଖରେ ଆସି ନିର୍ବାଚନ କାର୍ଯ୍ୟରେ ଯୋଗ ଦେଇଥିଲେ। ତାଙ୍କ ଦେହ ଖରାପ ଥିଲା। ଆମେ ତାଙ୍କୁ କାର୍ଯ୍ୟରୁ ଅନ୍ତର କରି ଅନ୍ୟ ଜଣଙ୍କୁ ପ୍ରିଜାଇଡିଂ ଅଫିସର ଭାବେ ନିଯୁକ୍ତ କରିଥିଲୁ। ଏଥିସହ ଶିକ୍ଷକ ଅଶୋକଙ୍କୁ ଘରକୁ ନେଇଯିବାକୁ ତାଙ୍କ ପୁଅଙ୍କୁ କହିଥିଲୁ। କୌଣସି କାରଣ ପାଇଁ ସେମାନେ ଯାଇ ନ ଥିଲେ। ୧୭ ତାରିଖରେ ସେ ପଡି ଯାଇଥିଲେ। ତାଙ୍କୁ ମେଡିକାଲ ନେବା ବ୍ୟବସ୍ଥା କରାଯାଇଥିଲା। ୧୬ ତାରିଖରେ ତାଙ୍କୁ ରିଲିଭ କରାଯାଇଥିଲା, ତେଣୁ ସେ ନିର୍ବାଚନ ଦାୟିତ୍ୱରେ ନ ଥିଲେ ବୋଲି କହିଛନ୍ତି।


ଅଶୋକଙ୍କ ସ୍ତ୍ରୀ, ପୁଅ ଓ ସମ୍ପର୍କୀୟ ।

## ସଂକ୍ଷେପରେ

### ମାଓବାଦୀ ନେତା ସବ୍ୟସାଚୀ କୋର୍ଟରେ ହାଜର

**ବ୍ରହ୍ମପୁର ଅଫିସ,୨୫।୪:** ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ପୋଲିସ ଗୁରୁବାର କଡ଼ା ସୁରକ୍ଷା ବଳୟରେ ଅତିରିକ୍ତ ଜିଲା ଦୌରାଜଜ୍-୧ ସଞ୍ଜୟ ସାହୁଙ୍କ କୋର୍ଟରେ ହାଜର କରାଇଥିଲା। ଏସ୍‌ଟି ନଂ. ୩୩/୧୫ର ସାକ୍ଷ୍ୟ ଗ୍ରହଣ ପାଇଁ ଗୁରୁବାର ଧାର୍ଯ୍ୟ ହୋଇଥିଲା। ସବ୍ୟସାଚୀ ଗିରଫ ହୋଇଥିବା ଭଡ଼ାଘର ମାଲିକ ଏ. ଚନ୍ଦ୍ରାରାଓଙ୍କ ମା' ଏ. ମହାଲକ୍ଷ୍ମୀ ଓ ତତ୍କାଳୀନ ବଡ଼ବଜାର ଥାନା ଏସ୍‌ଆଇ ଦୀପକ କୁମାର ଲେଙ୍କା କୋର୍ଟରେ ହାଜର ହୋଇ ବୟାନ ଦେଇଥିଲେ । ୮୦ ବର୍ଷିଆ ବୃଦ୍ଧା ଏ. ମହାଲକ୍ଷ୍ମୀ ଅସୁସ୍ଥ ଥିବା ବେଳେ ତାଙ୍କୁ ଆମ୍ବୁଲାନ୍ସରେ କୋର୍ଟକୁ ଅଣାଯାଇଥିଲା। ମହାଲକ୍ଷ୍ମୀ ଘଟଣା ସମ୍ପର୍କରେ କିଛି କହିପାରି ନ ଥିଲେ । ସେହିପରି ଏସ୍‌ଆଇ ଲେଙ୍କାଙ୍କ ବୟାନରେ ମଧ ତାଳମେଳ ରହି ନ ଥିଲା। ସେ ଅଧିକାଂଶ ଉତ୍ତର ଠିକ୍ ଭାବେ କୋର୍ଟରେ ଦେଇପାରି ନ ଥିଲେ । ଦୁଇଜଣ ସାକ୍ଷୀଙ୍କ ବୟାନ ରେକର୍ଡ ପରେ ଉକ୍ତ ମାମଲାର ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି । ଆସନ୍ତା ୨ ତାରିଖରେ ଏହାର ସରକାରୀ ଓକିଲ ଓ ପ୍ରତିପକ୍ଷଙ୍କ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି ।

ପ୍ରକାଶ ଯେ, ୨୦୧୪ ଜୁଲାଇରେ ବଡ଼ବଜାର ଥାନା ଅନ୍ତର୍ଗତ ମଙ୍ଗଳବାରମପେଟା ସାହିସ୍ଥିତ ଏକ ଭଡ଼ା ଘରୁ ପୋଲିସ ସବ୍ୟସାଚୀ ପଣ୍ଡାଙ୍କୁ ଗିରଫ କରିଥିଲା । ଏହି ମାମଲାରେ ପର୍ଯ୍ୟାୟକ୍ରମେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ସରିଛି। ସବ୍ୟସାଚୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦୀପକ ପଟ୍ଟନାୟକ ଓ ଅସୀତ ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ ।

ଜମି ହଡ଼ପ ସହ ଜାତିଆଣ ମନ୍ତବ୍ୟ ମାମଲା

### ହାଇକୋର୍ଟରୁ ଅଭିଯୁକ୍ତଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୨୫।୪:** ଗୋଳନ୍ଥରା ଥାନା କନିଷି ଅଞ୍ଚଳର ୩ ଜଣ ଦଳିତ ମହିଳାଙ୍କ ପୃଥକ ଭାବେ ଜମି ହଡ଼ପ କରିବା ସହ ଜାତିଆଣ ମନ୍ତବ୍ୟ ଦେଇଥିବା ମାମଲାରେ ହାଇକୋର୍ଟ ଅଭିଯୁକ୍ତ ଶ୍ରୀକାନ୍ତ ସାହୁଙ୍କୁ ଜାମିନ ପ୍ରଦାନ କରିଛି। ଶ୍ରୀକାନ୍ତଙ୍କ ତରଫରୁ ଓକିଲ ଜଗତ ମୋହନ ପଟ୍ଟନାୟକ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଏହି ଆବେଦନର ଶୁଣାଣିରେ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏପରିକି ଶ୍ରୀକାନ୍ତ ସାହୁ ଗଞ୍ଜାମ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଯିବା ପାଇଁ ନିର୍ଦ୍ଦେଶ ଦେଇଥିବା ତାଙ୍କ ଓକିଲ ଜଗତ ମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି । ପ୍ରକାଶ ଯେ, କନିଷି ଅଞ୍ଚଳର କାଳୀ ଦାସ, ଯଶୋଦା ଦାସ ଓ ମାଳତୀ ଦାସଙ୍କ ଠାରୁ ପୃଥକ୍ ପୃଥକ ଭାବେ ଶ୍ରୀକାନ୍ତ ସାହୁ ଜମି ହଡ଼ପ କରିବା ସହ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିଥିବା ନେଇ ସେମାନେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶ୍ରୀକାନ୍ତଙ୍କ ବିରୋଧରେ ନଂ.୬୨/୧୯, ୬୩/୧୯ ଓ ୬୪/୧୯ରେ ୩ଟି ମାମଲା ରୁଜୁ କରିଥିଲା। ହାଇକୋର୍ଟରୁ ଶ୍ରୀକାନ୍ତ ପାଇଥିବା ଜାମିନର ନକଲ ତଦନ୍ତକାରୀ ଅଧିକାରୀ ଓ ଜିଲା ଜଜ୍ କୋର୍ଟର କ୍ୟାଡର ପିପିଙ୍କୁ ମଧ ଦେବାକୁ ନିର୍ଦ୍ଦେଶ ରହିଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି ।



କପିଳେଶ୍ୱର ମନ୍ଦିର ରୋଡର ଶ୍ରୀଜିଉ କଳାକୁଞ୍ଜ ।



ଧୋବା ସାହିର ଗଜଲକ୍ଷ୍ମୀ କଳାକୁଞ୍ଜ



ଲାଲା ସାହି ସରସ୍ୱତୀ କଳାକୁଞ୍ଜ



କାଞ୍ଜିଆରୀ ସାହିର ମଦୁରା ମୀନାକ୍ଷୀ କଳାକୁଞ୍ଜ

# ୮ ସାହିରେ ଘଟ ପରିକ୍ରମା, ୬ ରଥ ଉନ୍ମୋଚିତ

- ୪ ଦିନ ପରେ ନିଜସ୍ୱ ମନ୍ଦିରକୁ ବାହୁଡିବେ ମା'
- ବାଦ୍ୟ ବାଜଣା, ହୁଳହୁଳି ନାଦରେ କମ୍ପୁଛି ଯାତ୍ରା ସ୍ଥଳ

**ବ୍ରହ୍ମପୁର ଅଫିସ,୨୫।୪**

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀ ଯାତ୍ରା ଗୁରୁବାର ୨୭ ଦିନରେ ପହଞ୍ଚିଛି । ଯାତ୍ରା ଆଉ ୪ ଦିନ ବାକି ଥିବାରୁ ଏବେ ବାଦ୍ୟ ବାଜଣା, ମହିଳାଙ୍କ ହୁଳହୁଳି ନାଦରେ ବାପ ଘର ଦେଶୀବେହେରା ସାହି ସମେତ ବଡବଜାର, ସାନବଜାର, ପୁରୁଣାବ୍ରହ୍ମପୁରର ପ୍ରତ୍ୟେକ ସାହି କମ୍ପୁଛି। ଯାତ୍ରା ଦାଣ୍ଡକୁ ରଥ ଓ କଳାକୁଞ୍ଜ ଆସିବା ପରେ ଉତ୍ସବମୁଖର ହୋଇଉଠିଛି ପ୍ରତ୍ୟେକ ସାହି । ରଥ ଓ କଳାକୁଞ୍ଜ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସାହିରେ ଭିଡ ଜମୁଛି। ଅନ୍ୟପଟରେ ମା'ଙ୍କ କୃପା ଲାଭ କରିବା ପାଇଁ ସାହି ବାସୀନ୍ଦା ଓ ଅନୁଷ୍ଠାନ ପକ୍ଷରୁ ଯାତ୍ରାସ୍ଥଳ, ରଥ ଓ କଳାକୁଞ୍ଜ ନିକଟରେ ପଣା, ବିଭିନ୍ନ ଭୋଗ ବଣ୍ଟନ କାର୍ଯ୍ୟକ୍ରମ ମଧ ଆରମ୍ଭ ହୋଇଛି।

ବୁଧବାର ସୁଦ୍ଧା ୧୭ ରଥ ଯାତ୍ରା ଦାଣ୍ଡକୁ ଓହ୍ଲାଇଛନ୍ତି । ଗୁରୁବାର ଆଉ ୬ ରଥ ମା'ଙ୍କ ଘଟ ପରିକ୍ରମା ବେଳେ ଉନ୍ମୋଚିତ ହୋଇଛି । ପାରମ୍ପରିକ ଭାବେ ସନ୍ଧ୍ୟା ଆଳତି ପରେ ମା'ଙ୍କ ଘଟ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ରାତିରେ ଅସ୍ଥାୟୀ ପୀଠରୁ ଘଟ ଶୋଭାଯାତ୍ରା ବାହାରି ପ୍ରଥମେ ରାଜବାଟିକୁ ଯାଇଥିଲା । ସେଠାରେ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ମା' ଦେବକୀ ମୁଖ୍ୟ ଘଟକୁ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱ ଘଟକୁ ମୁଣ୍ଡାଇଥିଲେ । ରାଜବାଟି ପର୍ବ ପରେ ଘଟ ୮ ସାହି ପରିକ୍ରମା କରିଥିଲା । ରାଜବାଟିରୁ ଖାସ୍ବାସାହି ନୃସିଂହ ମନ୍ଦିର ସାହି ଦେଇ ମା'ଙ୍କ ଘଟ ପରିକ୍ରମା ବେଳେ ହରି ଅର୍ଜୁନ ରଥ ଉନ୍ମୋଚିତ ହୋଇଥିଲା । ସେହିପରି ଘଟ କେଉଟସାହିର ରାମଚନ୍ଦ୍ର ରଥ, ଚନ୍ଦ୍ରଶେଖର ମନ୍ଦିର ସାହି ହନୁମାନ ରଥ, ଶଙ୍ଖାରୀସାହିର ଲକ୍ଷ୍ମଣ ରଥ, ଜେମାଦେଇ ପେଣ୍ଠର ଜଗନ୍ନାଥ ନାଗାର୍ଜୁନ ବେଶ ରଥ, ପୁରୁଣାବ୍ରହ୍ମପୁରର କର୍ଣ୍ଣ ରଥ ଘଟ ପରିକ୍ରମା ବେଳେ ଉନ୍ମୋଚିତ ହୋଇଥିଲା । ପୁରୁଣାବ୍ରହ୍ମପୁରର ରଥ ଉନ୍ମୋଚନ ପର୍ବ ପରେ ଖାସ୍ବା ସାହି, ନଡିଆ ବଜାର ହୋଇ ମା'ଙ୍କ ଅସ୍ଥାୟୀ ପୀଠକୁ ବାହୁଡିଥିଲେ । ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଘର ଦୁଆରେ ଜଳକୁମ୍ଭ ରଖିବା ସହ ମୁଖ୍ୟ ଘଟଧାରୀଙ୍କ ପାଦରେ ହଳଦୀ କର୍ପୁର ମିଶା ଜଳ ଢାଳିଥିଲେ।






ବାଲାଜୀପେଣ୍ଠ ସାହିର ମହାଦେବ ରଥକୁ ମା'ଙ୍କ ସମ୍ମୁଖରେ ଉନ୍ମୋଚନ କରାଯାଉଛି ।

ରାତିରେ ମା'ଙ୍କ ଘଟ ପରିକ୍ରମା ମୁଖ୍ୟ ଆକର୍ଷଣ ସାଜୁଥିବା ବେଳେ ସାହି ସାହିରେ ରଥ ଓ କଳାକୁଞ୍ଜ ପର୍ଯ୍ୟଟକଙ୍କ ମନମୋହୁଛି । ସାହିର ଯୁବକଙ୍କ କୌତୁକିଆ ବେଶ, ବାଘ ବେଶ ପର୍ଯ୍ୟଟକଙ୍କ ମନୋରଞ୍ଜନ କରୁଛି । ସାହି ସାହିରେ ରାତିସାରା ଭିଡ ଜମୁଥିବା ବେଳେ ଯାତ୍ରାକୁ ଅଧିକ ଆକର୍ଷଣୀୟ କରୁଛି ମିନାବଜାର । ଏସଏସଭିଟି ସିନେମା ହଲ ପଡିଆ ଓ ଏହାର ସମ୍ମୁଖ ପଡିଆରେ ଏବେ ମିନାବଜାରରେ ଭିଡ ଜମୁଛି । ଫଳରେ ରାମଲିଙ୍ଗମ ମନ୍ଦିର ରୋଡ, ଗୌତମ ହଲ ରୋଡ, ରୁକ୍ମିଣୀ ହଲ ରୋଡରେ ଏବେ ସନ୍ଧ୍ୟାରେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଫଳରେ ସନ୍ଧ୍ୟାରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବାକୁ ପୋଲିସକୁ ନାକେଦମ ହେବାକୁ ପଡୁଛି।

ଠାକୁରାଣୀ ଯାତ୍ରାଦାଣ୍ଡକୁ ଆକର୍ଷିତ କଲା

# ବିଜିପୁର ପାରମ୍ପରିକ ସମୂହ ଲଣ୍ଡାବେଶ



ମାନସିକଧାରୀଙ୍କ ସମୂହ ଲଣ୍ଡାବେଶ ।

**ବ୍ରହ୍ମପୁର ଅଫିସ,୨୫।୪**

ରେଶମ ନଗରୀ ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢ଼ୀ ଠାକୁରାଣୀଙ୍କ ଚଳିତ ବର୍ଷ ଯାତ୍ରାର ଗୁରୁବାର ୨୭ ଦିନ ପୂରିଛି । ସନ୍ଧ୍ୟାରେ ବାହାରିଥିବା ବିଜିପୁର ଲଣ୍ଡା ବେଶ ଯାତ୍ରାଦାଣ୍ଡକୁ ବେଶ୍ ଆକର୍ଷିତ କରିଥିଲା। ଶତାଧିକ ଶିଶୁଠାରୁ ବୟସ୍କ ବ୍ୟକ୍ତି ସମୂହ ମୁଣ୍ଡନ ହୋଇଥିଲେ। ସମସ୍ତେ ବିଭିନ୍ନ ବେଶ ପକାଇ ବିଜିପୁର କାଳୁଆ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରିଥିଲେ । ବିଜିପୁରର ସମସ୍ତ ସାହି ପରିକ୍ରମା ପରେ ମେନରୋଡସ୍ଥିତ ଗ୍ଲୋବାଲ ସଂସ୍ଥା ଏବଂ ଉମାକାନ୍ତ ପଣ୍ଡା ପରିବାର ପକ୍ଷରୁ ମାନସିକ ବେଶଧାରୀମାନଙ୍କୁ ଆପ୍ୟାୟିତ କରାଯାଇଥିଲା। ସେଠାରୁ ବିଜିପୁର ବଜାର, ଗୋପବନ୍ଧୁ ଛକ, ଖଲ୍ଲିକୋଟ କଲେଜ, ଟାଉନ ହଲ ଛକ, ଟେଲିଫୋନ ଭବନ ରୋଡ, ପୁରୁଣା ବସ୍‌ଷ୍ଟାଣ୍ଡ, ଫାୟାର ଷ୍ଟେଶନ ରୋଡ, ଅନ୍ନପୂର୍ଣ୍ଣା ବଜାର, ଅର୍ବାନ ବ୍ୟାଙ୍କ, ଗିରିଜା ଛକ, ସତ୍ୟ ନାରାୟଣ ମନ୍ଦିର ଅଞ୍ଚଳ ଦେଇ ଗିରି ମାର୍କେଟରେ ପହଞ୍ଚିଥିଲେ।

**୨୮ରେ ବାହାରିବ ବୁଦ୍ଧବେଶ**

ଲଣ୍ଡା ବେଶ ଉପଭୋଗ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ହନୁମାନ ବଜାର, ସାନବଜାର, ବଡ଼ବଜାର, ରାଜା ଗୋର୍ଜି, ମହୁରୀ ରାଜବାଟୀ ରୋଡ ଦେଇ ଯାତ୍ରାସ୍ଥଳ ଦେଶୀ ବେହେରା ବଜାରରେ ପହଞ୍ଚିଥିଲା। ବେଶଧାରୀମାନେ ଅସ୍ଥାୟୀ ପୀଠରେ ମା'ଙ୍କୁ ଦର୍ଶନ କରିଥିଲେ। ଯାତ୍ରା ଅବଧି ଆଉ ମାତ୍ର ୪ ଦିନ ଥିବାରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେଉଛି। ଦୁଇ ବର୍ଷରେ ବାପା ଘରକୁ ଆସିଥିବା ମା' ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ ପାଇଁ ଗଞ୍ଜାମ ସମେତ ବିଭିନ୍ନ ଜିଲାରୁ ବିଭିନ୍ନ ଭକ୍ତଙ୍କ ସୁଅ ଛୁଟୁଛି । ବେଶ ସଂଖ୍ୟା ମଧ ବଢ଼ି ଚାଲିଥିବା ବେଳେ ଗୁରୁବାର ସନ୍ଧ୍ୟାରେ ସମୂହ ଲଣ୍ଡା ବେଶ ବେଶ୍ ଉପଭୋଗ୍ୟ ହୋଇଥିଲା ।

### ମା' ବୁଢୀଠାକୁରାଣୀ ଯାତ୍ରା' ପୁସ୍ତକ ଲୋକାର୍ପିତ



ଖଡିଆଳ ରାଜା ଡ. ଜିତାମିତ୍ର ପ୍ରସାଦ ସିଂହଦେଓ ଓ ରାଣୀ ରାଜଶ୍ରୀ ଦେବୀ ଏବଂ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବ୍ରହ୍ମପୁର ଅଫିସ,୨୫।୪**

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଢୀଠାକୁରାଣୀ ଯାତ୍ରାର ଶେଷ ପର୍ଯ୍ୟାୟରେ ଲୋକାର୍ପିତ ହୋଇଛି 'ମା' ବୁଢୀଠାକୁରାଣୀ ଯାତ୍ରା' ପୁସ୍ତକ । ମା'ଙ୍କ ଦ୍ୱିବାର୍ଷିକ ଯାତ୍ରା ସଂସ୍କୃତି, ପରମ୍ପରା ଓ ଐତିହାସିକ କଥାବସ୍ତୁକୁ ନେଇ ପ୍ରକାଶିତ ଏହି ପୁସ୍ତକ ଗୁରୁବାର ମା'ଙ୍କ ଅସ୍ଥାୟୀ ପୀଠରେ ଉନ୍ମୋଚିତ ହୋଇଛି । ବିଶିଷ୍ଟ ସ୍ତମ୍ଭକାର ତଥା ମଞ୍ଚ ଉପସ୍ଥାପକ ହୃଷୀକେଶ ପାଣିଗ୍ରାହୀଙ୍କ ଦ୍ୱାର ରଚିତ ଏହି ପୁସ୍ତକ ମା'ଙ୍କୁ ସମର୍ପିତ କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଖଡିଆଳ ରାଜା ଡ. ଜିତାମିତ୍ର ପ୍ରସାଦ ସିଂହଦେଓ ଓ ରାଣୀ ରାଜଶ୍ରୀ ଦେବୀ ଉପସ୍ଥିତ ରହି ଏହି ପୁସ୍ତକ ଉନ୍ମୋଚନ କରିଥିଲେ । ମା'ଙ୍କ ବୁଢୀଠାକୁରାଣୀ ଯାତ୍ରାର ସଂସ୍କୃତି ଓ ପରମ୍ପରାକୁ ବିଶ୍ୱସ୍ତରରେ ପହଞ୍ଚାଇବା ନେଇ ଦୀର୍ଘ ୩୦ ବର୍ଷ ଯାତ୍ରାର ପରମ୍ପରା, ସଂସ୍କୃତି ଉପରେ ଅନୁଧ୍ୟାନ, ଅନୁଚିନ୍ତନ ଓ ଗବେଷଣାଗତ ତଥ୍ୟ ଏଥିରେ ଉପସ୍ଥାପିତ କରାଯାଇଥିବା ପାଣିଗ୍ରାହୀ ସୂଚାଇଥିଲେ। ଏହି ପୁସ୍ତକ ଓଡିଆ ଭାଷା,ପରମ୍ପରା, ସଂସ୍କୃତିର ଅନ୍ୟତମ ପ୍ରତିଫଳକ ସଦୃଶ ହେବା ନେଇ ସେ ଆଶା ପୋଷଣ କରିଥିଲେ । ପୁସ୍ତକ ଉନ୍ମୋଚନ ବେଳେ ଯାତ୍ରା ପରିଚାଳକ ତଥା ମା' ବୁଢୀଠାକୁରାଣୀଙ୍କ ବାପା ପି. ଦୁର୍ଗା ପ୍ରସାଦ ଦେଶୀବେହେରା, ଯାତ୍ରା ସହଯୋଗୀ ସତ୍ୟନାରାୟଣ ନନ୍ଦ, ଦମାଳ ପୂଜାରୀ, ଖଡିଆଳ ସାହିତ୍ୟ ସଂସଦ ସମ୍ପାଦକ ଇଫାନ ମହମ୍ମଦଙ୍କ ସମେତ ପ୍ରଫୁଲ୍ଲ ଜଗନ୍ନାଥ ପାଢୀ, ଜଗଦୀଶ ସାହୁ, ଭଗବାନ ମହାରଣା, ଦଲ୍ଲୀପ କୁମାର ଚୌଧୁରୀ, ମନୋଜ ସାମଲ, ସୁଦୀପ୍ତା ପାଣିଗ୍ରାହୀ ଓ ନଳିନୀ କାନ୍ତ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ ।

■ ବିଲ୍‌ଡରଙ୍କୁ ଦାଦାବଟି ମାଗିବା ମାମଲା

# ସାକ୍ଷୀ ଦେଲେ ପୋଲିସ ଅଧିକାରୀ

**ବ୍ରହ୍ମପୁର ଅଫିସ,୨୫।୪**

ବିଏମ୍‌ସିର ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁ ଗୋଷାଣୀନୂଆଗାଁ ଅଞ୍ଚଳର ଜଣେ ବିଲ୍‌ଡର ଲଳିତ ମଙ୍ଗରାଜଙ୍କୁ ଦାଦାବଟି ମାଗିବା ମାମଲାରେ ଗୁରୁବାର ଶେଷ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ସେନେଇ ଗୁରୁବାର ପିଣ୍ଟୁଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ କଡ଼ା ସୁରକ୍ଷାରେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଦୀପକ କୁମାରଙ୍କ କୋର୍ଟରେ ହାଜର କରାଯାଇଥିଲା। ଏହି ମାମଲାର ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଗୋଳନ୍ଥରା ଥାନା ଏସ୍‌ଆଇ କେ.ବି. ଦାସ କୋର୍ଟରେ ହାଜର ହୋଇ ବୟାନ ଦେଇଛନ୍ତି। ବୁଧବାର ମଧ ଏହି ମାମଲାର ଅନ୍ୟ ଜଣେ ତଦନ୍ତକାରୀ ଅଧିକାରୀ ଲକ୍ଷ୍ମଣ ସେଠୀ କୋର୍ଟରେ ହାଜର ହୋଇ ବୟାନ ଦେଇଥିଲେ। ୨ ପୋଲିସ ସାକ୍ଷୀଙ୍କ ବୟାନରେ ଘଟଣା ସମ୍ପର୍କିତ ତଥ୍ୟ ଦେବା ବେଳେ ତାଳମେଳ ରହି ନ ଥିଲା ବୋଲି ପିଣ୍ଟୁଙ୍କ ଓକିଲ ଶିବ ନାରାୟଣ ସାହୁ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ମାମଲାରେ ଏତଲାକାରୀ ଲଳିତ ମୋହନ ମଙ୍ଗରାଜ, ପୁଷ୍ପାଞ୍ଜଳି ମହାରଣା, ଅଶୋକ କୁମାର ପ୍ରଧାନ, ସନ୍ତୋଷ ସାହୁ, ନରସିଂହ ସାହୁ, ଟୁକୁନା ମହାନ୍ତି, ମନମୋହନ ମହାରଣା, ଶାନ୍ତି ମହାରଣା, ରାମଚନ୍ଦ୍ର ମହାପାତ୍ର, ବି. ମନ୍ମଥ ରାଓ, ଅନିଲ କୁମାର ଜେନା ଓ ଟି. ସନ୍ତୋଷ କୁମାର କୋର୍ଟରେ ହାଜର ହୋଇଥିବା ବେଳେ ସେମାନଙ୍କ ବୟାନ ରେକର୍ଡ କରାଯାଇଥିଲା । ସମସ୍ତ ୧୪ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ବିଚାର ସରି ଯାଇଥିବା ବେଳେ ଅଭିଯୁକ୍ତ ପିଣ୍ଟୁ ଆସନ୍ତା ୧ତାରିଖରେ କୋର୍ଟରେ ହାଜର ହୋଇ ନିଜ ପକ୍ଷ ରଖିବେ ବୋଲି କୋର୍ଟ ପକ୍ଷରୁ ଦିନଧାର୍ଯ୍ୟ ହୋଇଥିବା ତାଙ୍କ ଓକିଲ ଶିବ ନାରାୟଣ ସାହୁ ସୂଚନା ଦେଇଛନ୍ତି।

**ଆସନ୍ତା ୧ରେ ପିଣ୍ଟୁଙ୍କ ରେକର୍ଡ ବୟାନ**

ପ୍ରକାଶଯେ, ପିଣ୍ଟୁ ଓ ତାଙ୍କ ସହଯୋଗୀମାନେ ବିଲ୍‌ଡର ଲଳିତ ମୋହନ ମଙ୍ଗରାଜଙ୍କୁ ବନ୍ଧୁକ ଦେଖାଇ ୨୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ ବୋଲି ଗୋଳନ୍ଥରା ଥାନାରେ ସେ ଅଭିଯୋଗ କରିଥିଲେ। ପୋଲିସ ୨୦୧୫ ସେପ୍ଟେମ୍ବର ୨୮ ତାରିଖରେ ପିଣ୍ଟୁ ଓ ତାଙ୍କ ସହଯୋଗୀମାନଙ୍କ ନାଁରେ ନଂ. ୧୨୮/୧୫ରେ ଏକ ମାମଲା ରୁଜୁ କରିଥିଲା। ଗୁରୁବାର ଏହି ମାମଲାର ବିଚାର ବେଳେ ପିଣ୍ଟୁଙ୍କ ତରଫରୁ ଆଇନଜୀବୀ ପ୍ରଭାକର ସାବତ, କୈଳାସ ପଣ୍ଡା ଓ ଶିବ ନାରାୟଣ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ୨୦୧୯ରେ ଲକ୍ଷ୍ୟ 'ଶୂନ' ମୃତ୍ୟୁ

**ବିଶ୍ୱ ମ୍ୟାଲେରିଆ ଦିବସ**

**ବ୍ରହ୍ମପୁର ଅଫିସ୍,୨୫।୪**

ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ ଗୁରୁବାର ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଆଇଇସି ହଲ୍‌ରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଯୋଗଦେଇ କହିଥିଲେ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କ କଠିନ ପରିଶ୍ରମ ଯୋଗୁ ଜିଲାରେ ମ୍ୟାଲେରିଆ ଜନିତ ମୃତ୍ୟୁକୁ ଏଡ଼ାଇ ଦିଆଯାଇ ପାରିଛି। ଏ ଦିଗରେ ବେଶ୍ ସଫଳତା ମିଳିଛି। ମ୍ୟାଲେରିଆ ପ୍ରବଣ ଅଞ୍ଚଳଗୁଡ଼ିକରେ ନିୟମିତ ସ୍ୱାସ୍ଥ୍ୟ ସେବା ଶିବିରଠାରୁ ଆରମ୍ଭ କରି ଔଷଧ ବଣ୍ଟନ ଏବଂ ମଶାରି ବଣ୍ଟନ କରାଯାଉଛି। ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ(ଦମନ) କାର୍ଯ୍ୟକ୍ରମ ଚାଲୁଛି। ଗାଁକୁ ଗାଁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ପହଞ୍ଚି ଚିକିତ୍ସା କରୁଛନ୍ତି । ଏଭଳି କ୍ଷେତ୍ରରେ ସାଧାରଣ ଜନତାଙ୍କ ଦାୟିତ୍ୱ ହେଲା ମ୍ୟାଲେରିଆର କାରଣ ଏବଂ ନିରାକରଣ ସମ୍ପର୍କରେ ଜାଣିବା। ଜ୍ୱରରେ ଆକ୍ରାନ୍ତ ହେବା ପରେ ଚିକିତ୍ସାରେ ଅବହେଳା ନ କରି ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଲେ ଆବଶ୍ୟକ ଚିକିତ୍ସା ପ୍ରଦାନ କରାଯାଇପାରିବ। ସ୍ୱାସ୍ଥ୍ୟ ପ୍ରଶାସନ ଏଦିଗରେ ବେଶ୍ ଯତ୍ନବାନ୍ ବୋଲି ଡା. ପାଣିଗ୍ରାହୀ ପ୍ରକାଶ କରିଥିଲେ। ଜିଲା ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ(ବାୟୁ ବାହିତ ରୋଗ) ଡା. ଆର୍. ଜଗଦୀଶ ପଟ୍ଟନାୟକ କହିଥିଲେ, ୨୦୧୭ରେ ମ୍ୟାଲେରିଆରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୮ରେ ମାତ୍ର ଜଣଙ୍କ ମୃତ୍ୟୁ ହୋଇଛି। ଆକ୍ରାନ୍ତଙ୍କ ସଂଖ୍ୟା ବିଗତ କିଛି ବର୍ଷ ହେଲା କମିବାରେ ଲାଗିଛି। ଜୁନ୍‌ଠାରୁ ଅଗଷ୍ଟ ପର୍ଯ୍ୟନ୍ତ, ଯେଉଁ ସମୟରେ ସର୍ବାଧିକ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥାନ୍ତି, ସେହି ସମୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନଠାରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହେଉଛି। ମ୍ୟାଲେରିଆ ମୁକାବିଲା ଶକ୍ତିକୁ କ୍ରମାଗତ ଭାବେ ବୃଦ୍ଧି କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ଭି. ସରୋଜିନୀ ଦେବୀ, ସିଟି ହସ୍‌ପିଟାଲ୍ ଅଧୀକ୍ଷକ ଡା. ପି. କୁର୍ମୈୟା, ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ) ଡା. ତୃପ୍ତିଲତା ମହାପାତ୍ର, ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡା. ମନୋଜ କୁମାର ପଣ୍ଡା, ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡା. ଅବନୀ କୁମାର ପାତ୍ର ଏବଂ ବାୟୁ ବାହିତ ରୋଗ ପରାମର୍ଶଦାତା ସୁଜିତ କୁମାର କାର୍ଜୀ ପ୍ରମୁଖ ମଞ୍ଚାସୀନ ରହି ଗଞ୍ଜାମ ଜିଲାରେ ଚାଲିଥିବା ମ୍ୟାଲେରିଆ ନିରାକରଣ ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ ।




ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ମଞ୍ଚାସୀନ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ।

## ସଂକ୍ଷେପରେ

### କୁଶପଢ଼ା ଗ୍ରାମରେ ଭାଗବତ ମେଳା



ଦିଗପହଣ୍ଡି,୨୫।୪(ଡି.ଏନ.ଏ.)- ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କୁଶପଢ଼ା ଗ୍ରାମରେ ଗୁରୁବାର ସକାଳୁ ଆରମ୍ଭ ହୋଇଛି ଏକ ଦିବସୀୟ ଭାଗବତ ମେଳା। ଭାଗବତ ମେଳା ଗୃହଠାରେ ବୈଷ୍ଣବ ଧର୍ମ ରୀତିନୀତି ଅନୁସାରେ ଭଗବତ ପ୍ରେମୀ ଶ୍ରଦ୍ଧାଳୁ ପରିବାର ସହ ଆୟୋଜିତ ମେଳାରେ ଯୋଗ ଦେଇଥିଲେ। ମେଳା ଆରମ୍ଭରେ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ମହିଳା ଭକ୍ତମାନେ ମୁଣ୍ଡରେ ଜଳ କଳସ ଧରି ହରିନାମ ସଂକୀର୍ତ୍ତନର ତାଳେ ତାଳେ ପୁରୁଷ ଭକ୍ତମାନଙ୍କ ସହିତ ସମଗ୍ର ଗ୍ରାମ ପରିକ୍ରମା କରିଥିଲେ। ମେଳା କମିଟି ପକ୍ଷରୁ ଗୁଡ଼ା ଯୁରିଆ ଦୋରା, ସଢ଼ପ ଗାନ୍ଧି, ଗେଦଲୁ ଧନୁ, ଗୁଡ଼ା ଭଗବାନ, ଏବର୍ତ୍ତା ବିଜୟ, ସୁରେନ୍ଦ୍ର ବିଶୋୟୀ ପ୍ରମୁଖ ପରିଚାଳନା କରୁଥିବା ବେଳେ ଏହି ମେଳା ଶୁକ୍ରବାର ଉଦ୍‌ଯାପିତ ହେବ।

### ଜିଆର୍‌ଏସ ସଂଯୁକ୍ତାଙ୍କୁ ଶ୍ରଦ୍ଧାଞ୍ଜଳି



ଖଲ୍ଲିକୋଟ,୨୫।୪(ଡି.ଏନ.ଏ.)-ନିର୍ବାଚନ କାର୍ଯ୍ୟରେ ଯାଇ ମାଓବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳର ଜିଆର୍‌ଏସ ସଂଯୁକ୍ତା ଦିଗାଲଙ୍କ ଉଦ୍ଦେଶ୍ୟରେ ଖଲ୍ଲିକୋଟ ବ୍ଲକ ଗ୍ରାମ ରୋଜଗାର ସଂଘ (ଜିଆର୍‌ଏସ୍) ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଗୁରୁବାର ପଞ୍ଚାୟତ ସମିତି ବୈଠକ ଗୃହରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଆରଏସ ସଂଘ ସଭାପତି ମଧୁସୂଦନ ଗୌଡ଼ଙ୍କ ସମେତ ୨୯ ପଞ୍ଚାୟତର ସମସ୍ତ ଜିଆରଏସ ଉପସ୍ଥିତ ଥିଲେ। ବିଡିଓ ନବକୃଷ୍ଣ ଜେନା, ଏବିଡିଓ ଗଗନ ବିହାରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମହିଳା ଜିଆରଏସ ସଂଯୁକ୍ତାଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମାଓବାଦୀଙ୍କ ଏପରି ବର୍ବରୋଚିତ କାର୍ଯ୍ୟକୁ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକର ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

### ଆକ୍ରମଣ ମାମଲା, ବାପ-ପୁଅଙ୍କୁ କୋର୍ଟଚାଲାଣ

ଦିଗପହଣ୍ଡି,୨୫।୪(ଡି.ଏନ.ଏ.)- ଦିଗପହଣ୍ଡି ପୋଲିସ ଚାଅଁଡ଼ାପଲ୍ଲୀ ଗ୍ରାମର କେଶବ ବିଶୋୟୀ ଓ ତାଙ୍କ ପୁଅ ବିଦ୍ୟାଧରଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ପୈତୃକ ସମ୍ପତ୍ତି ଭାଗବଣ୍ଟନକୁ କେନ୍ଦ୍ରକରି ବୁଧବାର ରାତିରେ କେଶବଙ୍କ ୨ପୁଅ ବିଦ୍ୟାଧର ଓ ପ୍ରଭାତଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସାନଭାଇ ବିଦ୍ୟାଧର ରାଗିଯାଇ ବାପାଙ୍କ ଉପସ୍ଥିତିରେ ଘର ଭିତରୁ କାତି ଆଣି ବଡ଼ଭାଇ ପ୍ରଭାତଙ୍କୁ ଆକ୍ରମଣ କରିଥିଲେ। ପ୍ରଭାତଙ୍କୁ ରକ୍ତାକ୍ତ ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରଭାତଙ୍କୁ ଆକ୍ରମଣରେ ତାଙ୍କ ବାପା କେଶବ ସହଯୋଗ କରିଥିବା ଏତଲାରେ ଦର୍ଶାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ବି. ଲାଛମେୟା ରେଡ୍ଡୀ କହିଛନ୍ତି। ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଥାନାଧିକାରୀ ମଧୁସ୍ମିତା ପ୍ରଧାନ ନଂ.୮୬/୧୯ରେ ବାପା, ପୁଅଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି।

### ଉତ୍କର୍ଷ ତାଲିମ ଶିବିର ଉଦ୍‌ଘାଟିତ

ବୁଗୁଡ଼ା,୨୫।୪(ଡି.ଏନ.ଏ.)-ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ଆନୁକୂଲ୍ୟରେ ଦୁଇଦିନିଆ ଉତ୍କର୍ଷ ତାଲିମ ଶିବିର ବୁଦ୍ଧଗିରି ବିଦ୍ୟାପୀଠରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର ଉଦ୍‌ଘାଟନ କରିଥିଲେ। ଶିକ୍ଷୟିତ୍ରୀ ଅମ୍ବିକା ପଟ୍ଟନାୟକ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବା ବେଳେ ପ୍ରଧାନ ଶିକ୍ଷକ ସ୍ୱରୂପ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ଓଡ଼ିଆ ଭାଷା ସମ୍ବଳ ଶିକ୍ଷକ ଭାବେ ଗୌରୀ ଶଙ୍କର ମିଶ୍ର ଓ ବିଜୟଲକ୍ଷ୍ମୀ ସାହୁ, ଗଣିତ ବିଷୟରେ ସମ୍ବଳ ଶିକ୍ଷକ ଭାବେ ଶଶାଙ୍କ କୁମାର ପଣ୍ଡା ଓ ଶଙ୍କର ମହାରଣା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବୁଗୁଡ଼ା, ପୋଲସରା ଓ ଜଗନ୍ନାଥପ୍ରସାଦ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟର ୯୪ ଶିକ୍ଷୟିତ୍ରୀ, ଶିକ୍ଷକ ଉକ୍ତ ତାଲିମ ଶିବିରରେ ଅଂଶଗ୍ରହଣ କରିଥିଲେ।

■ରେଣ୍ଟିରେ ସାନି ଭୋଟ, ମତଦାନ ହାର ବୃଦ୍ଧି

# ପୁରୁଷ ଅପେକ୍ଷା ମହିଳାଙ୍କ ଭୋଟଦାନ ଅଧିକ

ଭଞ୍ଜନଗର/ସୋରଡା, ୨୫।୪ (ଡି.ଏନ.ଏ.)

ସୋରଡ଼ା ନିର୍ବାଚନମଣ୍ଡଳୀ ରେଣ୍ଟିର ୧୮୨ନଂ. ବୁଥରେ ଗୁରୁବାର ସାନି ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ନିର୍ବାଚନ ପାଇଁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ମୋଟ ୫୩୯ଜଣ ଭୋଟରଙ୍କ ମଧ୍ୟରୁ ୪୨୬ ଜଣ ମତଦାନ କରିଥିଲେ। ସେଥିମଧ୍ୟରେ ପୁରୁଷ ୨୦୨ ଓ ମହିଳା ଭୋଟର ୨୨୪ ଜଣ ମତଦାନ କରିଥିଲେ। ମତଦାନ ହାର ୭୯ ପ୍ରତିଶତ ରହିଛି। ଗତ ୧୮ ତାରିଖରେ ୪୧୪ ଜଣ ମତଦାନ କରିଥିଲେ। ସାନି ମତଦାନକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମତଦାନ ସରିବା ପରେ ଇଭିଏମ୍ ଗୁଡିକୁ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମରେ ଆଣି ରଖାଯାଇଥିଲା। ଏହି ସମୟରେ ବିଭିନ୍ନ ନିର୍ବାଚନ ଅଧିକାରୀଙ୍କ ସମେତ ରାଜନୈତିକ ଦଳର ଏଜେଣ୍ଟମାନେ ଉପସ୍ଥିତ ଥିଲେ।



ମହିଳାମାନେ ଭୋଟ ଦେବା ପାଇଁ ଧାଡିରେ ଠିଆହୋଇଛନ୍ତି ।

ପ୍ରକାଶ ଯେ, ଗତ ୧୮ ତାରିଖରେ ରେଣ୍ଟି ବୁଥ୍‌ରେ ମତଦାନ ଚାଲିଥିଲା। ଅପରାହ୍ନ ପ୍ରାୟ ୫ଟାରେ ରିଗିଂ ହେଉଥିବା ଖବର ପାଇ ଭାଜପା ପ୍ରାର୍ଥୀ ନିଳମଣୀ ବିଷୋୟୀ ସେଠାରେ ପହଞ୍ଚିଥିଲେ। ଏହାପରେ ଇଭିଏମ୍ ମେଶିନକୁ ସେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ନୀଳମଣିଙ୍କୁ ଗିରଫ କରିଥିଲା। ଏନେଇ ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଭଙ୍ଗା ଇଭିଏମ୍ ମେସିନ ପାଖରେ ହିଁ ଆଜିର ଭଲ ଇଭିଏମ୍ ମେଶିନଟିକୁ ରଖାଯିବ। ଭଲ ମେସିନ ଉପରେ ଗଣତି ହେବ ଏବଂ ଭଙ୍ଗା ମେସିନ ଉପରେ ଗଣତି ହେବନାହିଁ ବୋଲି ଲେଖାଯିବ ବୋଲି କହିଥିଲେ।

■ଇଭିଏମ୍ ଭଙ୍ଗାରୁଜା ଘଟଣା

# ନୀଳମଣିଙ୍କ ଜାମିନ ଶୁଣାଣି ୨କୁ ଘୁଞ୍ଚିଲା

ଭଞ୍ଜନଗର/ସୋରଡା, ୨୫।୪ (ଡି.ଏନ.ଏ.)

ସୋରଡା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ନୀଳମଣି ବିଷୋୟୀ ଇଭିଏମ୍ ମେଶିନ ଭାଙ୍ଗିବା ଅଭିଯୋଗରେ ଗତ ୧୮ ତାରିଖରୁ ସୋରଡା ଜେଲରେ ଅଛନ୍ତି। ଏହି ମାମଲାରେ ନୀଳମଣି ଜାମିନ ପାଇବା ପାଇଁ ଆବେଦନ କରିଥିବାବେଳେ ପୋଲିସ ୨ଜଣଙ୍କ ଏତଲାକୁ ଭିତ୍ତିକରି ଆଉ ୨ ମାମଲା ନୀଳମଣିଙ୍କ ନାମରେ ଯୋଡି ଦେଇଛନ୍ତି। ନୀଳମଣି ଖୁବ୍‌ଶୀଘ୍ର ଜାମିନରେ ବାହାରିବେ ବୋଲି ତାଙ୍କ ସମର୍ଥକମାନେ ଯେଉଁ ଆଶା ରଖିଥିଲେ ତାହା ୨ ତାରିଖ ପର୍ଯ୍ୟନ୍ତ ଘୁଞ୍ଚିଯାଇଛି। ଯାହାକୁ ନେଇ ନୀଳମଣିଙ୍କ ସମର୍ଥକମାନେ ନିରାଶ ହୋଇଛନ୍ତି। ଗୁରୁବାର ନୀଳମଣିଙ୍କୁ ଇଭିଏମ୍ ଭଙ୍ଗାରୁଜା ମାମଲାରେ ଜାମିନ ମିଳିବ ବୋଲି ତାଙ୍କ ସମର୍ଥକମାନେ ଆଶା ରଖିଥିଲେ। ଏନେଇ ନୀଳମଣିଙ୍କ ଓକିଲ ସୋରଡା ଏଡିଜେ କ୍ୟାମ୍ପ କୋର୍ଟରେ ଜାମିନ ଆବେଦନ କରିଥିଲେ। କିନ୍ତୁ ସୋରଡା ପୋଲିସ ନିର୍ବାଚନରେ ବ୍ୟସ୍ତ ଥିବା ଯୋଗୁ ଆଜି ସିଡି ଦାଖଲ କରିପାରି ନ ଥିଲା। ଫଳରେ ଆଜି ନୀଳମଣିଙ୍କୁ ଜାମିନ ମିଳିପାରି ନ ଥିଲା। ଏହାର ପରବର୍ତ୍ତୀ ଶୁଣାଣି ୨ରେ ହେବ ବୋଲି ଏଡିଜେ ମହଲତ ସା ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ସୋରଡା କୋର୍ଟରେ ସରକାରଙ୍କ ପକ୍ଷରୁ ଗଞ୍ଜାମ ପିପି ଅଜିତ କୁମାର ପଟ୍ଟନାୟକ ଓ ଭଞ୍ଜନଗର ଅତିରିକ୍ତ ପିପି ଏମ୍. ତାଜ୍ ଆଦେନୀ ମକଦ୍ଦମା ପରିଚାଳନା କରୁଥିଲେ। ଏନେଇ ଆଦେନୀ ଏଠାରେ ସୂଚନା ଦେଇଛନ୍ତି ଯେ, ଆଉ ଏକ ମାମଲାରେ ନୀଳମଣିଙ୍କୁ ଶୁକ୍ରବାର ଭଞ୍ଜନଗର କୋର୍ଟରେ ହାଜର କରାଯିବ। ସେହିଭଳି ସୋରଡା ଜେଏମ୍‌ଏଫସିଙ୍କ ଅନୁପସ୍ଥିତିରେ ଭଞ୍ଜନଗର ଏସ୍‌ଡିଜେମ୍ କୋର୍ଟରେ ନୀଳମଣିଙ୍କୁ ଆଉ ଏକ ମାମଲାରେ ଗୁରୁବାର କଡା ସୁରକ୍ଷା ମଧ୍ୟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ସୋରଡା ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ନୀଳମଣିଙ୍କ ଓକିଲ ଖରାଂଶୁ ଶେଖର ଦାସ ଏଠାରେ କହିଛନ୍ତି ଯେ, ରାଜନୈତିକ ଉଦ୍ଦେଶ୍ୟ ରଖି ନୀଳମଣିଙ୍କୁ ହଇରାଣ କରାଯାଉଛି। ଆଗାମୀ ଦିନରେ ନିଶ୍ଚିତ ନ୍ୟାୟ ମିଳିବ।

■ରାଜନୈତିକ ଉଦ୍ଦେଶ୍ୟ ରଖି ହଇରାଣ କରାଯାଉଛି-ଖରାଂଶୁ

■ଭଞ୍ଜନଗରରେ ତାପମାତ୍ରା ୪୧ ଡିଗ୍ରୀ

# ଅସହ୍ୟ ଗରମରେ ବିଦ୍ୟୁତ୍‌କାଟ, ଜନଜୀବନ ଅସ୍ତବ୍ୟସ୍ତ

ଭଞ୍ଜନଗର,୨୫।୪(ଡି.ଏନ.ଏ.)

ଗୁରୁବାର ଭଞ୍ଜନଗରରେ ତାପମାତ୍ରା ସର୍ବାଧିକ ୪୧ ଡିଗ୍ରୀ ଥିଲା। ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ମେ ମାସରେ ପରିସ୍ଥିତି ଅସମ୍ଭାଳ ହୋଇପଡିବ। ଏଭଳି ପରିସ୍ଥିତିରେ ଗୁରୁବାର କଣ୍ଟେଇପଲ୍ଲୀ ଗ୍ରୀଡ୍‌ରୁ ଭଞ୍ଜନଗର ଆସିଥିବା ୩୩ କେଭି ଲାଇନରେ କେଉଁଠି ତ୍ରୁଟି ଦେଖାଦେଇଛି। ଫଳରେ ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ବାରମ୍ବାର ବିଦ୍ୟୁତ୍ କାଟ ହୋଇଥିଲା। ଏହାପରେ ୧ଟା ପରେ ସମ୍ପୂର୍ଣ୍ଣ ପାୱାର କଟ୍ ହୋଇଯାଇଥିଲା। ସାଉଥ୍‌କୋ କର୍ମଚାରୀ କିଛି ଘଣ୍ଟା ପରେ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ କରିବାରେ ସକ୍ଷମ ହୋଇଥିଲେ। ଗରମ ଯୋଗୁ ଲୋକେ ଦିନ ତମାମ ଛଟପଟ ହୋଇଥିଲେ। ଅପରପକ୍ଷେ କଣ୍ଟେଇପଲ୍ଲୀରୁ ଭଞ୍ଜନଗର ଏକମାତ୍ର ୩୩ କେଭି ଲାଇନ୍ ଥିବା ଯୋଗୁ ସମ୍ପୃକ୍ତ ଲାଇନରେ ତ୍ରୁଟି ହେଲେ ଘଣ୍ଟାଘଣ୍ଟା ଭଞ୍ଜନଗର ଅଞ୍ଚଳରେ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି। ତେଣୁ ଗତବର୍ଷ ଆଉ ଏକ ନୂତନ ୩୩ କେଭି ଲାଇନ୍ ଟାଣିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ପୂର୍ବରୁ ଯାଇଥିବା ୩୩ କେଭି ଲାଇନଟି ବିଲମାଳରେ ଯାଇଥିବା ଯୋଗୁ ଖରାପ ହେଲେ ତ୍ରୁଟି ଖୋଜିବାକୁ ଘଣ୍ଟା ଘଣ୍ଟା ସମୟ ଲାଗୁଥିଲା। ତେଣୁ ଜାତୀୟ ରାଜପଥ ଉପରଦେଇ ନୂଆ ଲାଇନ ନେବାପାଇଁ ଯୋଜନା ହୋଇଥିଲା। ଗତବର୍ଷ ଉକ୍ତ କାମ ଆରମ୍ଭ ହୋଇଛି। ଠିକାଦାର କିଛି କିମି ଖୁଣ୍ଟ ପୋତି କୌଣସି କାରଣରୁ କାମ ବନ୍ଦ କରି ଦେଇଛନ୍ତି। ରାଜପଥ ଦେଇ ଯିବାକୁ ଥିବା ନୂଆ ଲାଇନ୍ କାମ ତୁରନ୍ତ ପୂର୍ଣ୍ଣାଙ୍ଗ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏହାହେଲେ ଅଞ୍ଚଳବାସୀ ବିଦ୍ୟୁତ୍ କାଟ ସମସ୍ୟାରୁ ମୁକୁଳି ପାରନ୍ତେ। ଭଞ୍ଜନଗର ଏକ ଗୁରୁତ୍ୱପୂର୍ଣ୍ଣ ସହର। ଏଠି ଉପଖଣ୍ଡ ହସ୍‌ପିଟାଲ ସହ ପାଇପଯୋଗେ ୩୦ ହଜାର ଲୋକଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଛି। ଯେତେବେଳେ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି, ସେହି ସମୟରେ ମେଡିକାଲର ରୋଗୀସେବା ବାଧାପ୍ରାପ୍ତ ହେଉଛି। ସହରବାସୀଙ୍କୁ ପାଣି ଠିକ୍ ଭାବେ ମିଳୁନାହିଁ। ଏନେଇ ସାଉଥ୍‌କୋର ଜଣେ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ଜମି ଅଧିଗ୍ରହଣରେ ସମସ୍ୟା ଯୋଗୁ ନୂଆ ଲାଇନ କାମ ଧିମେଇ ଯାଇଛି। ତଥାପି ଯଥାଶୀଘ୍ର କାମ ସାରିବା ପାଇଁ ପଦକ୍ଷେପ ନିଆଯାଉଛି।



ଦିନବେଳେ ଭଞ୍ଜନଗର ମୁଖ୍ୟ ସଡକ।

■୩୩ କେଭି ଲାଇନ୍‌ରେ ତ୍ରୁଟି
■ନୂଆ ଲାଇନ କାମ ମନ୍ଥର ଗତିରେ

# ସତ୍ୟସାଇ ବାବାଙ୍କ ମହାପ୍ରୟାଣ ଦିବସ

ବୁଗୁଡ଼ା,୨୫।୪(ଡି.ଏନ.ଏ.)

ସ୍ଥାନୀୟ ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ବୁଧବାର ସତ୍ୟସାଇ ବାବାଙ୍କ ନବମ ମହାପ୍ରୟାଣ ଦିବସ ସେବା ସମିତି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଉକ୍ତ ଦିବସର ପ୍ରାତଃ କାଳରେ ଓଁକାର, ସୁପ୍ରଭାତଂ ଓ ନଗର ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆବାହକ ଡ଼. ଗୋପବନ୍ଧୁ ବେହେରାଙ୍କ ଦ୍ୱାରା ପ୍ରଶାନ୍ତି ପତାକା ଉତ୍ତୋଳନ କରାଯାଇଥିଲା। ଏଥିସହ ଯୁଗଳ ଚରଣ ଦାଶଙ୍କ ଦ୍ୱାରା ଷୋଡ଼ଶ ଉପଚାର ପୂଜା ହୋଇଥିଲା। ଏହି ଅବସରରେ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରରେ ୨୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଡ଼ା. ଶିଶିର କୁମାର ସାବତଙ୍କ ନେତୃତ୍ୱରେ ଭଞ୍ଜନଗର ବ୍ଲଡ ବ୍ୟାଙ୍କର ଏକ ଦଳ ରକ୍ତଦାତାଙ୍କଠାରୁ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିସହ ସମିତି ପକ୍ଷରୁ ଡ଼ା. ଅମିୟ ଜଗଦଲଙ୍କ ତତ୍ତ୍ୱାବଧାନରେ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ସେବା ସମିତି ସଦସ୍ୟମାନେ ବୁଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ସେବା ସମିତି କାର୍ଯ୍ୟାଳୟ ପରିସରରେ ସତ୍‌ସଙ୍ଗ ଓ ଭଜନ ସାଙ୍ଗକୁ ସମୂହ ଦୀପଦାନ, ପୁଷ୍ପ ଅର୍ପଣ, ବାଲ ବିକାଶ ଛାତ୍ରୀଛାତ୍ର ଏବଂ ଅତିଥିମାନଙ୍କ ଦ୍ୱାରା ସାଇବାବାଙ୍କ ସମ୍ପର୍କରେ ଅଭିଭାଷଣ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଉପଦେଷ୍ଟା ଟି. ସୁଦର୍ଶନ ପାତ୍ର, ସଦସ୍ୟା ଡ଼ି. ଭାରତୀ, ମନୋରମା ଖାଡ଼ଙ୍ଗା, ନିରଞ୍ଜନ ବିଷୋୟୀ ଓ ପ୍ରତିମା ଖାଡ଼ଙ୍ଗା ପ୍ରମୁଖଙ୍କ ସମେତ ସେବା ସମିତିର ସଦସ୍ୟଗଣ ସକ୍ରିୟ ସହଯୋଗ କରିଥିଲେ ।

# ୩ବର୍ଷ ହେଲା ସରୁନି ଛେଳିଗଡ-ରାମଗିରି ରାସ୍ତା କାମ



ନିର୍ମାଣାଧୀନ ରାସ୍ତା।

ଆର.ଉଦୟଗିରି,୨୫।୪(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଛେଳିଗଡ ଛକରୁ ରାମଗିରି ପର୍ଯ୍ୟନ୍ତ ୧୩ କି.ମି. ରାସ୍ତା କାମ ଦୀର୍ଘ ୩ ବର୍ଷ ହେଲା ସରୁନାହିଁ। ଏହି ରାସ୍ତା ନିର୍ମାଣ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଟେଣ୍ଡର ହୋଇଛି। ୧୦ ମିଟର ଚଉଡା ପିଚୁ ରାସ୍ତାର ସମ୍ପ୍ରସାରଣ ପାଇଁ ୨୦୧୭ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଲକ୍ଷ୍ମୀପୁର ଛକରୁ ରାମଗିରି ହାଟପଦା ପର୍ଯ୍ୟନ୍ତ ୭ କି.ମି. ରାସ୍ତା କାମ ଶେଷ ହୋଇ ମାର୍ଚ୍ଚରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବାର ଥିଲା। କିନ୍ତୁ ତାହା ଆଜିପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅଞ୍ଚଳବାସୀ ବହୁବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଠିକାଦାର ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏଥିସହ ନିମ୍ନମାନର କାମ ହୋଇଥିବା ମଧ୍ୟ ଅଞ୍ଚଳର ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ରାସ୍ତା ମଧ୍ୟରେ ଥିବା ଛୋଟବଡ ପୋଲ ନିର୍ମାଣ ସରିଥିବା ବେଳେ ରାସ୍ତା କାମ କେତେକ ସ୍ଥାନରେ ସରିଲାଣି। ଯେଉଁଠି କାମ ସରିଛି, ସେଠାରେ ପିଚୁ ଉଠିଲାଣି। ଏହା କଚ୍ଚା ରାସ୍ତା ହୋଇଥିବାରୁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଅସମ୍ପୂର୍ଣ୍ଣ ରାସ୍ତାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସମସ୍ୟା ନେଇ ଅଞ୍ଚଳବାସୀ ବହୁବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇବା ସତ୍ତ୍ୱେ କୌଣସି ପ୍ରତିକାର ହୋଇପାରିଲା ନାହିଁ ବୋଲି ଦୁଃଖର ସହ କହିଛନ୍ତି।

ଏନେଇ ପୂର୍ତ୍ତ ବିଭାଗର ରାମଗିରି କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ କରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ପ୍ରଥମେ ଟେଣ୍ଡର ହୋଇଥିବା କାମ ୬୦୦ ମିଟର ପିଚୁ ହେବାକୁ ବାକି ଅଛି। ପିଚୁ ଉଠିଯାଇଥିବା ରାସ୍ତାକୁ ପୁନର୍ବାର ନିର୍ମାଣ କରାଯିବ ଓ ଦ୍ୱିତୀୟ ଥର ଟେଣ୍ଡର ହୋଇଥିବା କାମ ଆରମ୍ଭ ହୋଇଛି ବୋଲି କହିଥିଲେ।

# ୩ମାସର ସନ୍ତାନଙ୍କୁ ଛାଡି ମା'ର ଆତ୍ମହତ୍ୟା

ଭଞ୍ଜନଗର,୨୫।୪(ଡି.ଏନ୍.ଏ.)

ଭଞ୍ଜନଗର ଥାନା ବଡସୁଲୁଣ୍ଡା ଗ୍ରାମରେ ଗୁରୁବାର ସକାଳେ ଜଣେ ମା' ତାଙ୍କ ୩ ମାସର ସନ୍ତାନଙ୍କୁ ଛାଡି ବାପଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭାରତୀ ସ୍ୱାଇଁ (୨୦)। ଆର୍ଥିକ ଅନଟନ ଓ ପାରିବାରିକ ସମସ୍ୟା ଯୋଗୁ ଭାରତୀ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇବା ସହ ନଂ.୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ୨ବର୍ଷ ପୂର୍ବେ ଭାରତୀ ବୁଗୁଲିର ମନୋଜ ସ୍ୱାଇଁଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଦମ୍ପତିଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଲାଗି ରହିଥିଲା। ୮ଦିନ ପୂର୍ବେ ସ୍ତ୍ରୀ ଓ ସନ୍ତାନଙ୍କୁ ନେଇ ମନୋଜ ଶ୍ୱଶୁର ଘରେ ଛାଡିଥିଲେ। ଗୁରୁବାର ସକାଳେ ଭାରତୀ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି।

# ବିଜ୍ଞାନ, ଇଂଲିଶ ଭାଷା ତାଲିମ



ଶିବିରରେ ଉପସ୍ଥିତ ତାଲିମଦାତା।

ଶେରଗଡ,୨୫।୪(ଡି.ଏନ୍.ଏ.)

ଶେରଗଡ ବ୍ଲକ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଦୁଇଦିନ ଧରି ଚାଲିଥିବା ବିଜ୍ଞାନ ଓ ଇଂଲିଶ ଭାଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଶିବିରକୁ ବିଇଓ ଭାସ୍କର ଲେଙ୍କା ଶୁଭାରମ୍ଭ କରିଥିଲେ। ଶିବିରରେ ଉଚ୍ଚ ବିଦ୍ୟାଳୟମାନଙ୍କରେ ପଢ଼ା ଯାଉଥିବା ବିଜ୍ଞାନ ଓ ଇଂଲିଶ ଭାଷାରେ ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସହଜରେ ଜାଣିବେ ଓ ଏଥିରେ ଭଲ ନମ୍ବର ରଖିବା ସହ ବିଷୟ ପ୍ରତି ଆକୃଷ୍ଟ ହେବାକୁ ଏହି ତାଲିମ ପ୍ରଦାନ କରାଯାଇଛି। ଦିଆଯାଇଥିବା ତାଲିମର ପ୍ରକୃତ ଉପଯୋଗ ନିଜ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଛାତ୍ରୀଛାତ୍ରମାନଙ୍କ କ୍ଷେତ୍ରରେ ବ୍ୟବହାର କରିବାକୁ କୁହାଯାଇଥିଲା। ତାଲିମଦାତା ଭାବେ କିରଣ ମିଶ୍ର, ସାବିତ୍ରୀ ବେହେରା, ମହେଶ୍ୱର ନାୟକ ଓ ଲିଙ୍ଗରାଜ ସ୍ୱାଇଁ ଯୋଗଦେଇ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପାଢୀଙ୍କ ସଂଯୋଜନରେ ଅନୁଷ୍ଠିତ ତାଲିମ ଶିବିରରେ ଏବିଇଓ ଲକ୍ଷ୍ମୀନାରାୟଣ କର ଯୋଗ ଦେଇଥିଲେ।

# ବିଶ୍ୱବ୍ୟାଙ୍କ ଅନୁଦାନ ଉପରେ ଆଲୋଚନାଚକ୍ର

ଭଞ୍ଜନଗର,୨୫।୪(ଡି.ଏନ.ଏ)-

ବିଶ୍ୱବ୍ୟାଙ୍କ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୭୦ ମହାବିଦ୍ୟାଳୟ ଏବଂ ୬ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ କାର୍ଯ୍ୟ ବିଗତ ୨ବର୍ଷ ହେବ ଚାଲିଛି। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୭୦ ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ପାଇଁ ୧୦୭୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେଥିମଧ୍ୟରେ ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ବ୍ରହ୍ମପୁରର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ ଓ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଅନ୍ତର୍ଭୁକ୍ତ। ଏନେଇ ଭୁବନେଶ୍ୱର ଗୋପବନ୍ଧୁ ପ୍ରଶିକ୍ଷଣ କେନ୍ଦ୍ରରେ ଦୁଇଦିନ ଧରି ଉଚ୍ଚଶିକ୍ଷାରେ ଉନ୍ନତି ଓ ସଂସ୍କାର ଆଣିବା ପାଇଁ ବିଶ୍ୱବ୍ୟାଙ୍କର ସହାୟତା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଗୁରୁବାର ଅପରାହ୍ନରେ ତାହା ଉଦ୍‌ଯାପିତ ହୋଇଯାଇଛି। ଗତ ୩୧ ତାରିଖ ସୁଦ୍ଧା ବିଭିନ୍ନ କଲେଜ ଅନୁଦାନ କେଉଁ କେଉଁ ବାବଦରେ କେତେ ଖର୍ଚ୍ଚ କରିବେ ସେନେଇ ଏକ ରିପୋର୍ଟ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଦେଇଥିଲେ। ଅନୁଦାନ କିଭଳି ଖର୍ଚ୍ଚ ହେବ ସମେତ ଅନ୍ୟାନ୍ୟ ବିଷୟ ଉପରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟର ୪୦ ମହାବିଦ୍ୟାଳୟର ଅଧକ୍ଷ ଏବଂ ବିଶ୍ୱବ୍ୟାଙ୍କ ପ୍ରକଳ୍ପ କଲେଜ ସଂଯୋଜକମାନେ ବୈଠକରେ ଯୋଗ ଦେଇଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି, ପ୍ରକଳ୍ପ ସଂଯୋଜକ ତଥା ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଶାନ୍ତ କୁମାର ଶତପଥୀ, ଆସିକା ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ଡ. ସନ୍ତୋଷ କୁମାର ସୁବୁଦ୍ଧି, ମହାମାୟୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇ ନିଜର ମତ ରଖିଥିଲେ। ଭଞ୍ଜନଗର କଲେଜ ପକ୍ଷରୁ ଭିତ୍ତିଭୂମି ସୁଦୃଢ଼ ପାଇଁ ୧୦ କୋଟି ଟଙ୍କାର ଏକ ପ୍ରସ୍ତାବ ଦିଆଯାଇଛି। ବିଶ୍ୱବ୍ୟାଙ୍କ ପ୍ରକଳ୍ପ ରାଜ୍ୟ ନୋଡାଲ ଅଧିକାରୀ ତଥା ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ କୃପାସିନ୍ଧୁ ମିଶ୍ର ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ସହ ନୋଡାଲ ଅଫିସର ସରିତା ରାଉତ, ଡ.ବିନାୟକ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରଦୀପ ଗୟା, ଚନ୍ଦନ କୁମାର ସାହୁ, ବିନାୟକ ରାଉତ, ଚିନ୍ମୟ ବୋଉ ସାଧନବ୍ୟକ୍ତି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।



ବୈଠକରେ ଉପସ୍ଥିତ ଅଧକ୍ଷ ମୁନିଙ୍କ ସମେତ ଅନ୍ୟମାନେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୨୬ ଏପ୍ରିଲ, ୨୦୧୯



# ଛତ୍ରପୁର ହସ୍ପିଟାଲରେ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ମନିଟରିଂ ଟିମ୍

- ଲକ୍ଷ୍ୟ ପୁରସ୍କାର ପାଇଁ ତଥ୍ୟ ସଂଗ୍ରହ
- ୨୦୧୮ରେ ମିଳିଥିଲା କାୟାକଳ୍ପ
- ପୁଣି ଆସିବେ କେନ୍ଦ୍ରୀୟ ଟିମ୍

ଛତ୍ରପୁର,୨୫।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ହେଡକ୍ୱାର୍ଟରରେ ଥିବା ଛତ୍ରପୁର ହସ୍ପିଟାଲକୁ ୨୦୧୮-୧୯ରେ କାୟାକଳ୍ପ ପ୍ରଶଂସନୀୟ ପୁରସ୍କାର ମିଳିଥିଲା। ଏହି ପୁରସ୍କାର ପରେ ଭାରତ ସରକାରଙ୍କଠାରୁ ନ୍ୟାଶନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡସ (ଏନ୍‌କ୍ୟୁଏସ) ପ୍ରମାଣପତ୍ର ହାସଲ ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଛନ୍ତି। ହସ୍ପିଟାଲର ଆଇପିଡି, ଓପିଡି, କାଜୁଆଲଟି, ଅପରେଶନ ଥିଏଟର, ପ୍ରସୂତି ଗୃହ, ଏକ୍ସ-ରେ, ପେଡିଆଟ୍ରିକ୍, ଗାଇନିକ୍, ମେଡିସିନ୍ ଓ ଜେନେରାଲ ୱାର୍ଡ, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ନିରାମୟ ଆଦିକୁ ଆଧାର କରି ଏନ୍‌କ୍ୟୁଏସ ପ୍ରମାଣପତ୍ର ପାଇଁ ମାର୍କ ମିଳିଥାଏ। ଏସବୁ ମଧ୍ୟରୁ ପ୍ରସୂତି ଗୃହ ଓ ଏହାର ଅପରେଶନ ଥିଏଟରର ମାନରେ ଉନ୍ନତି ହେଲେ 'ଲକ୍ଷ୍ୟ' ପୁରସ୍କାର ମିଳିବ। ଏହି ପୁରସ୍କାର ପାଇବା ପାଇଁ ଛତ୍ରପୁର ହସ୍ପିଟାଲ କର୍ତ୍ତୃପକ୍ଷ ଉଦ୍ୟମ କରି ଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ମନିଟରିଂ ଟିମ୍ ହସ୍ପିଟାଲକୁ ଆସି ତଥ୍ୟ ସଂଗ୍ରହ ସହ ହସ୍ପିଟାଲର କ୍ୱାଲିଟି ସର୍କଲ ଟିମ୍ ସହ ଆଲୋଚନା କରିଥିଲେ। ସରୋଜ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏହି ଟିମରେ ବ୍ରହ୍ମପୁରସ୍ଥିତ ସିଡିଏମଓଙ୍କ ଅଫିସ୍‌ରୁ କ୍ୱାଲିଟି ଆସ୍ୟୁରାନ୍ସର ଆସିଷ୍ଟାଣ୍ଟ ମ୍ୟାନେଜର ସଞ୍ଜୟ ପରିଡା, ଆରସିଏଚ୍‌ର ଡେପୁଟି ମ୍ୟାନେଜର ଶକ୍ତି ଦିଗାଲ ଆସିଥିଲେ। ଆଲୋଚନା ବୈଠକରେ ସିନିୟର କନସଲଟାଣ୍ଟ ଡା.ଜିତେନ୍ଦ୍ର ମୋହନ ବେବର୍ତ୍ତା, ଡା.ସୁଦର୍ଶନ ସାହୁ ଓ ଡା. ମୋହନ ବାରିକ, ହସ୍ପିଟାଲ ମ୍ୟାନେଜର ସନ୍ତୋଷ ପଣ୍ଡାଙ୍କ ସମେତ ହସ୍ପିଟାଲ କ୍ୱାଲିଟି ସର୍କଲ ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ। ଟିମ୍‌ର ସଦସ୍ୟ ପ୍ରଥମେ ଛତ୍ରପୁର ହସ୍ପିଟାଲ ପ୍ରସୂତି ଗୃହ ଓ ଅପରେଶନ ଥିଏଟର ପରିଦର୍ଶନ କରିଥିଲେ। ଲକ୍ଷ୍ୟ ପ୍ରମାଣପତ୍ର ପାଇଁ ପ୍ରସୂତି ଗୃହ ଓ ଅପରେଶନ ଥିଏଟର କିଭଳି ରହିବ ତାହାର ଗାଇଡଲାଇନ୍ ସମ୍ପର୍କରେ ହସ୍ପିଟାଲ ଟିମକୁ ପରାମର୍ଶ ଦେଇଥିଲେ। ଶିଶୁ ଓ ମାତୃ ମୃତ୍ୟୁ ହାର କମାଇବା ଉଦ୍ଦେଶ୍ୟରେ ଏହି ଲକ୍ଷ୍ୟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଲକ୍ଷ୍ୟ ପୁରସ୍କାର ହାସଲ କଲେ ଏ ବାବଦରେ ୩ ବର୍ଷ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅନୁଦାନ ମିଳିବ। ପ୍ରସୂତି ଗୃହ ଓ ଏହାର ଅପରେଶନ ଥିଏଟର ସଫାସୁତୁରା ରଖିବା, ଶୀତତାପ ନିୟନ୍ତ୍ରିତ କରିବା ଓ ଟାଇଲ୍ ପକାଇବା, ପ୍ରସୂତିଙ୍କୁ ଗାଉନ୍ ପିନ୍ଧାଇ ନେବା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପରେ ପୁଣି କେନ୍ଦ୍ରୀୟ ଟିମ୍ ଆସି ତଥ୍ୟ ସଂଗ୍ରହ କରିବେ ବୋଲି ସୂଚନା ମିଳିଛି। ଛତ୍ରପୁର ହସ୍ପିଟାଲରେ ଗଠିତ କ୍ୱାଲିଟି କଣ୍ଟ୍ରୋଲ ସର୍କଲ ଟିମ୍‌ରେ ହସ୍ପିଟାଲ ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତି ବିଭାଗର ସ୍ପେଶାଲିଷ୍ଟ, ଶିଶୁ ରୋଗ ବିଶେଷଜ୍ଞ, ହସ୍ପିଟାଲ ମ୍ୟାନେଜର, ପ୍ରସୂତି ଗୃହର ଇନଚାର୍ଜ, ଆସିଷ୍ଟାଣ୍ଟ ମ୍ୟାଟ୍ରନ୍, ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି।


ସ୍ୱାସ୍ଥ୍ୟ ମନିଟରିଂ ଟିମ ଆଲେଚାନା କରୁଛନ୍ତି।

## ସଂକ୍ଷେପରେ

### ପଥରମାଡ଼ରେ ବରଯାତ୍ରୀ ଆହତ ଘଟଣା
### ଥାନାରେ ପୃଥକ୍ ଏତଲା, ଉଭୟ ଗୋଷ୍ଠୀରୁ ୧୩ ଗିରଫ

ସୋରଡ଼ା,୨୫।୪(ଡି.ଏନ୍.ଏ): ସୋରଡ଼ା ବ୍ଲକ ସରାବାଡ଼ି ପଞ୍ଚାୟତ ସନ୍ଧିଗୁଣ୍ଡୁରିବାଡି ଗ୍ରାମରେ ବୁଧବାର ରାତିରେ ବର ଶୋଭାଯାତ୍ରା ବେଳେ ପଥରମାଡ଼ ହୋଇଥିଲା। ଏଥିରେ ସମେତ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ବରଯାତ୍ରୀଙ୍କ ପକ୍ଷରୁ ପାଲଟା ଆକ୍ରମଣରେ ୯ ଜଣ ଆହତ ହୋଇଥିଲେ। ଏ ନେଇ ଗୁରୁବାର ଦୁଇ ଗୋଷ୍ଠୀ ପକ୍ଷରୁ ସୋରଡ଼ା ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ପୃଥକ ୨ଟି ମାମଲା ରୁଜୁ କରି ଉଭୟ ଗୋଷ୍ଠୀର ୧୩ ଜଣଙ୍କୁ ଗିରଫ କରିଛି। ଜାତିଆଣ ଭେଦଭାବକୁ ନେଇ ଆକ୍ରମଣ, ପ୍ରତିଆକ୍ରମଣ ହୋଇଥିବା ଥାନା ଅଧିକାରୀ ପ୍ରଭାତ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସନ୍ଧିଗୁଣ୍ଡୁରିବାଡ଼ି ଗ୍ରାମ ଦଳିତ ସାହିର ପରମାନନ୍ଦ ନାୟକଙ୍କ ବିବାହ ତାଙ୍କରି ଗ୍ରାମରେ ହେଉଥିଲା। ବୁଧବାର ରାତିରେ ମନ୍ଦିର ଅଭିମୁଖେ ବର ଶୋଭାଯାତ୍ରା ଯାଉଥିବା ବେଳେ ଗ୍ରାମର ଗୋଟିଏ ଗୋଷ୍ଠୀ ପଥରମାଡ଼ କରିଥିଲେ। ଫଳରେ ପରମାନନ୍ଦଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଅନ୍ୟପକ୍ଷରେ ବରଯାତ୍ରୀ ଦଳଙ୍କ ପ୍ରତି ଆକ୍ରମଣରେ ୯ ଜଣ ଆହତ ହୋଇଥିଲେ। ଆହତମାନେ ସୋରଡ଼ା ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଜଣକ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର ହୋଇଥିଲେ। ଦଳିତ ସାହିର ଶିବ ନାୟକଙ୍କ ଏତଲା ପ୍ରକାରେ ପୋଲିସ ନଂ.୬୦/୧୯ରେ ମାମଲା ରୁଜୁ କରି ଭଗବାନ ସାଇଁ, କବି ସ୍ୱାଇଁ, ଖଦାଲ ସ୍ୱାଇଁ, ରାମ ଗୌଡ଼, ଚିକୁନ ସ୍ୱାଇଁ, ପିଣ୍ଟୁ ସ୍ୱାଇଁ, କାହ୍ନା ସ୍ୱାଇଁ ବଳରାମ ସ୍ୱାଇଁ ଓ ଶଙ୍କର ସ୍ୱାଇଁଙ୍କୁ ଗିରଫ କରାଯାଇଛି। ସେହିପରି କବିଙ୍କ ଏତଲା ପ୍ରକାରେ ପୋଲିସ ନଂ.୬୧/୧୯ରେ ମାମଲା ରୁଜୁ କରି ଶିବ ନାୟକ, ବିପ୍ର ନାୟକ, ଅଶ୍ୱନୀ ନାୟକ ଓ ବାହାନ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ବିଦାୟ ସମ୍ବର୍ଦ୍ଧନା

ଆସିକା,୨୫।୪(ଡି.ଏନ୍.ଏ.): ଆସିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗଗନ ବିହାରୀ ସାହୁଙ୍କର ଅନ୍ୟତ୍ର ବଦଳି ହୋଇଛି। ଗୁରୁବାର ଆସିକା ଓକିଲ ସଂଘ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘ ସଭା ଗୃହରେ ସଭାପତି ସରୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମାଜିଷ୍ଟ୍ରେଟ ସାହୁଙ୍କ ସମେତ ଅତିରିକ୍ତ ଜିଲା ଜଜ ଅଶୋକ କୁମାର ପଣ୍ଡା, ସିଭିଲ ଜଜ ସିନିୟର ଡିଭିଜନ ହୃଷୀକେଶ ଆଚାର୍ଯ୍ୟ, ସିଭିଲ ଜଜ ଜୁନିୟର ଡିଭିଜନ ଚିନ୍ମୟ ଜେନା ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ରବୀନ୍ଦ୍ରନାଥ ଶର୍ମା, ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ଅଜିତ କୁମାର ଚୌଧୁରୀ, ବିଦେଶୀ ନାହାକ, ନାରାୟଣ ମୁନି ପ୍ରମୁଖ ଉପସ୍ଥିତ ଥିଲେ। ଓକିଲ ସଂଘ ସମ୍ପାଦକ ଛବିଳରାମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଳଛତ୍ର ଖୋଲିଲା

ଆସିକା,୨୫।୪ (ଡି.ଏନ୍.ଏ.): ଆସିକା ବ୍ଲକ କର୍ପୂର ନୂଆଗାଁ ସନ୍ତୋଷୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ସ୍ୱେଚ୍ଛାସେବୀ ସଙ୍ଗଠନ ଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପକ୍ଷରୁ ଜଳଛତ୍ର ଖୋଲା ଯାଇଛି। ଯୁବ ସ୍ୱେଚ୍ଛାସେବୀ ସଞ୍ଜୟ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆକ୍ସିସ ବ୍ୟାଙ୍କ ଫାଇନାନ୍ସ ରିଲେସନ ମ୍ୟାନେଜର ଲିପୁ ସାହୁ ଓ ଆଲୋକ ସାହୁ ଅତିଥି ରୂପେ ଯୋଗଦେଇ ଯୁବ ସ୍ୱେଚ୍ଛାସେବୀଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ଚିକିଟି ବଜାରରେ ଅବାଧ ଗୁଟ୍‌ଖା ବିକ୍ରି

ଚିକିଟି,୨୫।୪(ଡି.ଏନ.ଏ.)

ରାଜ୍ୟ ସରକାର ୨୦୧୧ ମସିହା ଠାରୁ ଗୁଟ୍‌ଖା ବିକ୍ରି ଉପରେ କଟକଣା ଜାରି କରିଥିବା ସତ୍ତ୍ୱେ କେତେକ ଅସାଧୁ ଗୁଟ୍‌ଖା ବ୍ୟବସାୟୀ ଚିକିଟି ବଜାରରେ ଖୋଲାଖୋଲି ଗୁଟ୍‌ଖା ବିକ୍ରି କରୁଛନ୍ତି। ପ୍ରଶାସନ, ପୋଲିସ ଓ ବିଭାଗୀୟ ଅଧିକାରୀଙ୍କ ସହ ସଲାସୁତୁରା କରି ବେପାର ଚାଲୁଥିବା ଅଭିଯୋଗ ହୋଇଛି। ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ଟି ୱାର୍ଡର ଗଳିକନ୍ଦି ଓ ରାସ୍ତା ପାର୍ଶ୍ୱ ପାନ, ଚା ଦୋକାନ ମାନଙ୍କରେ ବିକ୍ରି ଚାଲିଛି। ୨୦୧୩ରେ ପ୍ରଶାସନ ପକ୍ଷରୁ ଚଢାଉ ଫଳରେ ଗୁଟ୍‌ଖା ବିକ୍ରି କିଛି ପରିମାଣରେ ବନ୍ଦ ହୋଇଥିଲା। ଗଳିକନ୍ଦିରେ ଲୁଛାଛପାରେ ବିକ୍ରି ଚାଲିଥିଲା। ପ୍ରଶାସନିକ ସ୍ତରରେ କୋହଳ ନୀତି ଯୋଗୁ ଏବେ ଖୋଲାଖୋଲି ଗୁଟ୍‌ଖା ବିକ୍ରି ଚାଲିଛି। ଚିକିଟି ବ୍ଲକର ୧୭ ପଞ୍ଚାୟତର ଚାନ୍ଦପୁର ମୁଖ୍ୟବଜାର ସମେତ ବିଭିନ୍ନ ଗ୍ରାମରେ ଥିବା ପାନ ଦୋକାନ, ଚା' ଦୋକାନ ସହ ବଡବଡ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ଗୁଟ୍‌ଖା ବିକ୍ରି ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହାକୁ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି।

## ରାଶନ କାର୍ଡରୁ ବଞ୍ଚିତ ୧୦ କୁଟିଆ ପରିବାର

ତୁମୁଡ଼ିବନ୍ଧ,୨୫।୪(ଡି.ଏନ୍.ଏ.)

କୁଟିଆ ସମ୍ପ୍ରଦାୟର ସାମଗ୍ରିକ ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଯୋଜନା କରି ଆସୁଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ହେଉ କି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଏହି ସମ୍ପ୍ରଦାୟର ଲୋକଙ୍କ ନିମନ୍ତେ କୌଣସି ମାନଦଣ୍ଡ ନାହିଁ। ତଥାପି କେତେକ ପରିବାର ଏହି ଯୋଜନାରୁ ବଞ୍ଚିତ ହୋଇଥିବା ଦେଖାଯାଇଛି। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ବାଟିପଡ଼ା ଗ୍ରାମରେ ୧୦ କୁଟିଆ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ମିଳି ନ ଥିବା ଜଣାପଡିଛି। ଫଳରେ ଏମାନଙ୍କୁ ପରିବାର ପ୍ରତିପୋଷଣ କରିବା ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ବାଟିପଡ଼ାର ଶ୍ରୀକାନ୍ତ ଜାନୀ, ବିପ୍ର ମାଝି, ସାନୁରା ମାଝି, ବଳରାମ ମାଝି, ନବୀନ ମାଝି, ରାଜେନ୍ଦ୍ର ମାଝି, ସରଙ୍ଗୀ ମାଝି, ଉପେନ୍ଦ୍ର ମାଝି, ନିକୁ ମାଝି ଓ ପ୍ରଦନ ମାଝିଙ୍କୁ ରାଶନ କାର୍ଡ ମିଳିନି। ବହୁବାର ଏମାନେ ରାଶନ କାର୍ଡ଼ ପାଇଁ ଆବେଦନ କରିଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଛି। ୱାର୍ଡ଼ମେମ୍ବର ତଥା ରାଶନ କାର୍ଡ଼ ପାଇ ନ ଥିବା ବଳରାମ କହିଛନ୍ତି, ଗ୍ରାମରେ କାମଦାମ ନ ଥିଲେ ପରିବାର ଚଳାଇବା କଷ୍ଟକର ହେଉଛି। ୧୦ ପରିବାର ବହୁବାର ରାଶନ କାର୍ଡ ପାଇଁ ଆବେଦନ କରିଛୁ। ହେଲେ ଏଯାଏ ପାଇପାରିନୁ। ବେଳେ ବେଳେ କାମ ନ ମିଳିଲେ ପୂରା ପରିବାର ଉପାସ ରହୁଛୁ। ତେଣୁ ତୁରନ୍ତ ଆମମାନଙ୍କୁ ରାଶନ କାର୍ଡ ଦିଆଯାଉ ବୋଲି ସେ କହିଛନ୍ତି। ଏ ନେଇ ବିଡିଓ ଜୟଦେବ ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ଅଞ୍ଚଳରେ କେତେ ପରିବାର ରାଶନ କାର୍ଡ ପାଇନାହାନ୍ତି କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଥିଲା। ସେ ରିପୋର୍ଟ ଦେଇନାହାନ୍ତି। ଖୁବଶୀଘ୍ର ଉକ୍ତ ରିପୋର୍ଟ ମଗାଇ ଗରିବ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯିବ ବୋଲି ବିଡିଓ କହିଛନ୍ତି।


ରାଶନ କାର୍ଡ ପାଇ ନ ଥିବା ପରିବାର।

## ଦୁର୍ଘଟଣା: ୩ ଗୁରୁତର

ବେଗୁନିଆପଡା,୨୫।୪(ଡି.ଏନ୍.ଏ.)

ବେଗୁନିଆପଡ଼ା ଫାଣ୍ଡି ସୁମଣ୍ଡଳ ଠାରୁ ତିତିରିଡି ରାସ୍ତାର ଏକ ବୁଲାଣୀରେ ୨ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶରଧାପୁର ଗ୍ରାମର କୈଳାଶ ନାହାକ (୩୦), ତାଳସର ଗ୍ରାମର ତୋଫାନ ନାହାକ (୨୬)ଓ ଅଶୋକ ନାହାକ (୨୩)। ପ୍ରକାଶ ଯେ, କୈଳାଶ, ତୋଫାନ ଓ ଅଶୋକ ଏକ ବାଇକରେ ସୁମଣ୍ଡଳ ପଟୁ ତାଳସରକୁ ଯାଉଥିବାବେଳେ ବିପରୀତ ପଟୁ ସାଙ୍କୁଡା ଗ୍ରାମର ସୁଶାନ୍ତ କୁମାର ଡାକୁଆ (୨୨) ଏକ ବାଇକରେ ଆସୁଥିଲେ। ଉକ୍ତ ବୁଲାଣୀରେ ବାଇକ ଦୁଇଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୪ ଜଣ ଆହତ ହୋଇଥିଲେ। ସୁଶାନ୍ତ, ଅଶୋକ ଓ କୈଳାସଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବେଗୁନିଆପଡ଼ା ଫାଣ୍ଡି ଅଧିକାରୀ ଦୀପ୍ତି ରଞ୍ଜନ ବେହେରା ଘଟଣା ସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛନ୍ତି।

## ପଞ୍ଚ ଠାକୁରାଣୀଙ୍କ ଦର୍ଶନ ଲାଗି ଭିଡ଼

ବୁଗୁଡ଼ା,୨୫।୪(ଡି.ଏନ.ଏ.)

ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ପୂଜାମଣ୍ଡପରେ ବର୍ତ୍ତମାନ ୫ ମହାଦେବୀଙ୍କ ବିଶ୍ରାମ ଚାଲିଥିବାରୁ ଦର୍ଶନ ଲାଗି ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛି। ଶୁକ୍ରବାର ପଞ୍ଚ ଠାକୁରାଣୀଙ୍କ ୫ ଘଟ ବିଭିନ୍ନ ସାହି ପରିକ୍ରମା କରିବ। ନିର୍ଦ୍ଧାରିତ କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ଗୁରୁବାର ନୀତି ନିୟମ ପ୍ରକାରେ ଅବକାଶ, ମଣ୍ଡଳ ପୂଜା, ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ ଆଦି କରାଯାଇଥିବା ବେଳେ ଅପରାହ୍ନରେ ଘୃତଯଜ୍ଞ ହୋଇଥିଲା। ସନ୍ଧ୍ୟାରେ ଢ଼ୋଲ ଓ ଘଣ୍ଟ ମୃଦଙ୍ଗ ବାଜଣାରେ ପଞ୍ଚ ଠାକୁରାଣୀଙ୍କ ଆଳତି ହୋଇଥିଲା। ଯାତ୍ରା ପରିଚାଳନା କମିଟିର ନିଷ୍ପତ୍ତି ଅନୁସାରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଘଟ ପରିକ୍ରମା କରିବ। ମା' ମାଳିଖୋଲା, ମାଉଁଦେଇ, ନାରାୟଣୀ, ବ୍ୟାଘ୍ରଦେବୀ, ବୁଢ଼ୀ ଠାକୁରାଣୀଙ୍କ ପବିତ୍ର ଘଟ ବୁଗୁଡ଼ା ଏନଏସିର ରଘୁନାଥ ସାହି, ଚୈତନ୍ୟ ନଗର,


ପୂଜାମଣ୍ଡପରେ ଠାକୁରାଣୀଙ୍କ ଆଳତି।

### ଆଜି ଘଟ ପରିକ୍ରମା

କରଣ ସାହି, ପୋଲାଇ ସାହି, କାର୍ଜି ସାହି, ଗଣ୍ଡାମଞ୍ଜି ସାହି, ବାଲୁଙ୍କେଶ୍ୱର ମନ୍ଦିର ସାହି, ତଳ ଓଡ଼ିଆ ସାହି, ବ୍ୟାଘ୍ରଦେବୀ ମନ୍ଦିର ସାହି, ସନ୍ତୋଷୀ ମନ୍ଦିର ସାହି ପରିକ୍ରମା କରିବ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି।

## ସ୍କୁଲ ନିକଟରେ ମୁକୁଳା ଟ୍ରାନ୍ସଫର୍ମର

ଗଞ୍ଜାମ,୨୫।୪(ଡି.ଏନ.ଏ.)

ଗଞ୍ଜାମ ଏନଏସି ୪ନଂ. ୱାର୍ଡ ରାଉଳ ସାହି ନିକଟସ୍ଥ ୟୁଏଇ ହଲ୍ ସମ୍ମୁଖରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନ ଥିବା ବେଳେ ବିପଦପୂର୍ଣ୍ଣ ଅବସ୍ଥାରେ ଲୋକେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛନ୍ତି। ଅନ୍ୟପକ୍ଷରେ ଟ୍ରାନ୍ସଫର୍ମରର ଅତି ନିକଟରେ ଏକ ବେସରକାରୀ ସ୍କୁଲ ଅଛି। କୋମଳମତି ପିଲାମାନେ ବାହାରକୁ ଆସିଲେ କେତେବେଳେ ଯେ କୌଣସି ଅଘଟଣ ନ ଘଟିବ ତାହା କହି ହେଉନାହିଁ। ଗଞ୍ଜାମ ସେକ୍ସନ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର କୁମାର ରାଏଙ୍କୁ ପଚାରିବାରୁ ସେ କହିଛନ୍ତି, ଆଇପିଡିଏସ ପକ୍ଷରୁ ଉକ୍ତ ଟ୍ରାନ୍ସଫର୍ମର କ୍ଷମତା ବଢ଼ାଯାଇଛି। ଆଇପିଡିଏସ୍ ପାଚେରି ନିର୍ମାଣ କରିବା ନିୟମ ନାହିଁ। ଏହା ସାଉଥକୋ କରିବ। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ପାଚେରି ନିର୍ମାଣ କରାଯିବ। ସୂଚନାଯୋଗ୍ୟ, ଉକ୍ତ ଟ୍ରାନ୍ସଫର୍ମରରୁ ଦୁର୍ଗାଦେବୀ ସାହି, ଆଖଡ଼ା ବନ୍ଧ ସାହି ଏବଂ ରାଉଳ ସାହିକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି।



ମୁକୁଳା ଟ୍ରାନ୍ସଫର୍ମର।

## ବସ୍ ଚକାତଳେ ପଡ଼ି ବାଇକ୍ ଆରୋହୀ ଗୁରୁତର

ଚିକିଟି,୨୫।୪(ଡି.ଏନ.ଏ.)

ଗୋଳନ୍ଥରା ଥାନା ପିତାତଳି ଗ୍ରାମଠାରୁ ୩ କିମି ଦୂର କୁକୁଡାଫାର୍ମ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ବସ୍ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ କେ.ନୂଆଗାଁ ଥାନା ପତିଗୋବିନ୍ଦପୁରର ତ୍ରିଲୋଚନ ମହାପାତ୍ର। ତ୍ରିଲୋଚନ ବାଇକ୍ (ଓଡି୦୭ଏକ୍ସ-୫୬୪୪) ଯୋଗେ ସନ୍ଧ୍ୟାରେ ବ୍ରହ୍ମପୁର ଠାରୁ ଭାୟା ସୋରଳ ଜଙ୍କସନ୍ ଦେଇ ଗ୍ରାମକୁ ଫେରୁଥିଲେ। ବ୍ରହ୍ମପୁରରୁ ଚିକିଟି ଅଭିମୁଖେ ଆସୁଥିବା ଏକ ଘରୋଇ ବସ୍ କୁକୁଡାଫାର୍ମ ନିକଟରେ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ପଡିଯିବାରୁ ବସ୍‌ଚକା ତାଙ୍କ ଗୋଡ ଉପରେ ଚଢି ଯାଇଥିଲା। ଗୋଳନ୍ଥରା ପୋଲିସ୍ ପହଞ୍ଚି ତ୍ରିଲୋଚନଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇବା ସହ ବାଇକ୍ ଓ ବସ୍‌କୁ ଜବତ କରିଛି।

## ଅଧ୍ୟକ୍ଷ, ପ୍ରଧାନଶିକ୍ଷକ ପଦବୀ ଖାଲି

ଜି.ଉଦୟଗିରି,୨୫।୪(ଡି.ଏନ.ଏ.)

ଜି.ଉଦୟଗିରି ସହରରେ ଥିବା କଳିଙ୍ଗ ମହାବିଦ୍ୟାଳୟରେ ଦୀର୍ଘଦିନ ହେଲା ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଛି। ଅନେକ ଥର ଏହି ପଦବୀ ପୂରଣ ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ସରକାର ଦୃଷ୍ଟି ଦେଉ ନାହାନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ଦ୍ୱାରା କଲେଜ ଚାଲୁଛି। ଜଣେ ବରିଷ୍ଠ ଅଧ୍ୟାପକ ତାଙ୍କ ଅଧ୍ୟାପନା ସହିତ ଅଧ୍ୟକ୍ଷ ଦାୟିତ୍ୱରେ ରହିଲେ ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଛି। ତେଣୁ ସରକାର ଗ୍ରୀଷ୍ମଛୁଟି ଭିତରେ ସ୍ଥାୟୀ ଅଧ୍ୟକ୍ଷ ଏଠାରେ ନିଯୁକ୍ତ କରିବାକୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ସେହିପରି ଜିଲାର ସବୁଠାରୁ ପୁରାତନ ସରକାରୀ ଉଚ୍ଚ ବିଦ୍ୟାଳୟ ଜି.ଉଦୟଗିରି ହବାକ୍ ହାଇସ୍କୁଲରେ ମଧ୍ୟ ପ୍ରଧାନ ଶିକ୍ଷକ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଛି। ସେହିପରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ଖାଲି ପଡ଼ିଛି। ଭାରପ୍ରାପ୍ତ ଶିକ୍ଷକମାନଙ୍କ ଦ୍ୱାରା ଏହି ଅନୁଷ୍ଠାନ ଚାଲିଛି। ଅନ୍ୟପଟେ ସ୍କୁଲମାନଙ୍କରେ ଛାତ୍ରାବାସ ଓ ଛାତ୍ରୀ ନିବାସ ଅଛି। ସ୍ଥାୟୀ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ନ ରହିବାରୁ ଏସବୁ ପରିଚାଳନାରେ ମଧ୍ୟ ଅସୁବିଧା ହେଉଛି। ତେଣୁ ଜି.ଉଦୟଗିରି କଲେଜର ଅଧ୍ୟକ୍ଷ ପଦବୀ ଓ ହବାକ ହାଇସ୍କୁଲ ଏବଂ ଗାର୍ଲ୍ସ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଅତିଶୀଘ୍ର ପୂରଣ କରିବାକୁ ଭାଜପା ନେତା ପ୍ରିୟବ୍ରତ ସାହୁ ଦାବି କରିଛନ୍ତି।

■ ନିର୍ମାଣର ଦୁଇବର୍ଷ ପୂରିନି

## ଶାଳିଆ କେନାଲ ରାସ୍ତା ଶୋଚନୀୟ

ବେଗୁନିଆପଡା,୨୫।୪(ଡି.ଏନ୍.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନାମାନ କରୁଛନ୍ତି। ମାତ୍ର ଏହାର କାର୍ଯ୍ୟକାରିତାରେ ଅନେକ ଅନିୟମିତତା ଦେଖିବାକୁ ମିଳିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବେଗୁନିଆପଡା ବ୍ଲକରେ। ବେଗୁନିଆପଡା ବ୍ଲକ ଶାଳିଆ କେନାଲ ଏ ଅଞ୍ଚଳର ଜଳ ସେଚନରେ ମୁଖ୍ୟଭୂମିକା ଗ୍ରହଣ କରିଛି। ବ୍ଲକର ଅଙ୍ଗାରଗାଁ, କୁମ୍ଭାରଗାଁ, ଷଣ୍ଢମୂଳ, ସାଙ୍କୁଡା, ସୁମଣ୍ଡଳ, ବୁରୁଝରି, ଏସ. ଛଚିନା, କେ.ବରିଡା, ଚନ୍ଦନପୁର, ବଡ ଖଇରଖମା, ତାଳସର ପଞ୍ଚାୟତକୁ ନେଇ ୮ଟି ପାଣି ପଞ୍ଚାୟତ ଗଠନ କରାଯାଇଛି। ତେବେ ଉକ୍ତ ଅଞ୍ଚଳରେ ଠିକ୍ ଭାବେ ପାଣି ଛଡା ଯାଉନାହିଁ।

ପ୍ରକାଶ ଥାଉ କି, ସୁମଣ୍ଡଳ ଠାରେ ଏକ ଇରିଗେସନ କାର୍ଯ୍ୟାଳୟ ରହିଛି, କିନ୍ତୁ ଏଠାରେ କୌଣସି ଅଫିସର ରହୁନାହାନ୍ତି। ଚାଷୀମାନେ ଅଭିଯୋଗ ପାଇଁ ଅଫିସକୁ ନିରାଶରେ ଫେରନ୍ତି। କେନାଲ ମରାମତି ଓ ରାସ୍ତା ନିର୍ମାଣ ପାଇଁ ଯଥେଷ୍ଟ ଅର୍ଥ ବ୍ୟୟ କରାଯାଉଥିବା ବେଳେ ନିମ୍ନମାନର କାମ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି। କେନାଲ ୨ପାର୍ଶ୍ୱରେ ନିର୍ମାଣ ହୋଇଥିବା ୱାଲ ୬ମାସ ମଧ୍ୟରେ ଭୁଶୁଡି ପଡୁଛି। ଏପରି ଘଟଣା ଦେଖିବାକୁ ମିଳିଛି ବେଗୁନିଆପଡା ବ୍ଲକ ଶାଳିଆ କେନାଲ ରାସ୍ତାରେ। ୨ବର୍ଷ ପୂର୍ବେ ଶାଳିଆ ଡ୍ୟାମଠାରୁ ବେଲପଡା ଛକ ପର୍ଯ୍ୟନ୍ତ ୧୨ କିମି ରାସ୍ତା ନିର୍ମାଣ ପାଇଁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିବା ବେଳେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଦେଖା ଯାଇଥିଲା। ନିର୍ମାଣର ୨ମାସ ପରେ ପିଚୁ ଉଠିବା ସହ ରାସ୍ତାର ଦୁଇପାର୍ଶ୍ୱ ଧସି ଗଲାଣି। ବୁରୁଝରି ନିକଟରେ ରାସ୍ତା ମଝିରେ ଗର୍ତ୍ତ ସୃଷ୍ଟି ହୋଇଛି। ଏହାଯୋଗୁ ୨,୪ଟି ଦୁର୍ଘଟଣା ମଧ୍ୟ ଘଟିଲାଣି। ମରାମତି ପାଇଁ ବାରମ୍ବାର ଅଭିଯୋଗକଲେ ମଧ୍ୟ ସୁଫଳ ମିଳୁନାହିଁ। ଅନ୍ୟ ପକ୍ଷରେ ହରିପୁରଠାରୁ ଭାବିନୀପୁର କେନାଲ ମଧ୍ୟରେ ୱାଲ ଗୁଡିକ ଅବସ୍ଥା ଶୋଚନୀୟ ହୋଇପଡିଛି। ଯାହା କି ଗତ ବର୍ଷ ନିର୍ମାଣ ହୋଇଥିଲା। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ଗ୍ରହଣ କରୁ ନାହାନ୍ତି। ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।


ବୁରୁଝରି ନିକଟରେ ରାସ୍ତାରେ ହୋଇଥିବା ଗର୍ତ୍ତ।

## ରଙ୍ଗେଇଲୁଣ୍ଡା ବ୍ଲକରେ ପାନଚାଷୀ ହନ୍ତସନ୍ତ

ରାମକୃଷ୍ଣ ସାହୁ
କନିଷି,୨୫।୪(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଚାଷ ଓ ଚାଷୀର ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଚାଷୀ ଓ ଚାଷର ଉନ୍ନତି ଘଟିଲେ ରାଜ୍ୟ ସମୃଦ୍ଧ ହୁଏ ବୋଲି ବିଭିନ୍ନ ସଭା ସମିତିରେ ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ କହି ଆସୁଛନ୍ତି। ଚାଷୀଙ୍କୁ ସଚେତନ କରିବା ପାଇଁ କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ହେଲେ ରଙ୍ଗେଇଲୁଣ୍ଡା ବ୍ଲକର ପାନଚାଷୀ ବାରମ୍ବାର ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତି ସହୁଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନି। ପ୍ରୋତ୍ସାହନ ନ ପାଇ ଚାଷୀ ପାନଚାଷ ଛାଡ଼ିବାକୁ ବାଧ ହେଉଛନ୍ତି।

ଦୀର୍ଘ ବର୍ଷ ହେଲା ବ୍ଲକର ଶତାଧିକ ହେକ୍ଟର ଜମିରେ ପାନଚାଷ ହେଉଥିଲା। ୧୯୯୯ ମହାବାତ୍ୟା ପରଠାରୁ ଏହି ଚାଷ ଅଧିକାଂଶ ଉଜୁଡିଯାଇଥିଲା। କଷ୍ଟ ସହି ଚାଷୀ ପୁଣି ନିଜ ହାତରୁ ଖର୍ଚ୍ଚ କରି ଚାଷ ବଢ଼ାଇଥିଲେ। ପରେ ପୁଣି ଥରକୁ ଥର ଏପରି ବାତ୍ୟା ବିଭୀଷିକାରେ ପାନଚାଷ ନଷ୍ଟ ହେବାରେ ଲାଗିଲା। ବର୍ତ୍ତମାନ ବ୍ଲକର ପଞ୍ଚମା, କୋଠାରସିଂ, ଶାସନପଦର, ରଣ୍ଡା, ଚିକରଡ଼ା, ଗୋଳନ୍ଥରା ଆଦି ଅଞ୍ଚଳରେ ଲୋକେ ପାନଚାଷ କରି ପରିବାର ଚଳାଉଛନ୍ତି। ଏଠାରୁ ବ୍ୟବସାୟୀମାନେ ପାନ ନେଇ


ପାନ ବରଜରେ ଚାଷୀ।

### ପ୍ରଶାସନର ଦୃଷ୍ଟି ପଡୁନି

ଅନ୍ୟ ରାଜ୍ୟକୁ ପଠାଉଛନ୍ତି। ହେଲେ ଜିଲା ପ୍ରଶାସନ କିମ୍ବା ଉଦ୍ୟାନ କିମ୍ବା କୃଷି ବିଭାଗ ପକ୍ଷରୁ ପାନ ଚାଷ ପାଇଁ ସରକାରୀ ସାହାଯ୍ୟ ଦିଆଯାଉ ନ ଥିବା କୋଠାରସିଂର ଚାଷୀ ଏନ. ତାରିଣୀ ରେଡ୍ଡୀ କହିଛନ୍ତି। ସେ କହିଛନ୍ତି, ୨୦ ବର୍ଷ ହେଲା ପାନ ଚାଷ କରୁଛୁ। ମାତ୍ର ସରକାରୀ ସାହାଯ୍ୟ କିମ୍ବା ବ୍ୟାଙ୍କ ଋଣ ମିଳୁନାହିଁ। ବିଭିନ୍ନ ଫସଲ ପାଇଁ ସରକାରୀ ଋଣ ମିଳୁଥିବା ବେଳେ ପାନଚାଷୀମାନଙ୍କୁ ଦୃଷ୍ଟି ଦିଆଯାଉନାହିଁ। ପ୍ରୋତ୍ସାହନ ନ ପାଇ ଅଞ୍ଚଳର ଶହ ଶହ ଚାଷୀ ଚାଷ ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ତୁରନ୍ତ ସରକାର ପାନ ଚାଷୀମାନଙ୍କ ଉନ୍ନତି ପାଇଁ ପଦକ୍ଷେପ ନେଲେ ଆଗାମୀ ଦିନରେ ପାନ ଚାଷ ବୃଦ୍ଧି ପାଇବ ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଅପରାଧ ରୋକିବାକୁ ପୋଲିସର ରୋଡ୍ ବ୍ଲକିଂ, ଯାଞ୍ଚ

**ପଦ୍ମପୁର, ୨୫।୪ (ଡି.ଏନ.ଏ.):** ନିର୍ବାଚନ ପାଖେଇ ଆସୁଥିବାରୁ ବିଭିନ୍ନ ଅପରାଧୀଙ୍କ କାର୍ଯ୍ୟକଳାପ ରୋକିବା ପାଇଁ ବାସୁଦେବପୁର ବ୍ଲକରେ ନାୟକାଣିଡିହୀ ଥାନା ପୋଲିସ ପକ୍ଷରୁ ରୋଡ୍ ବ୍ଲକିଂ ଓ ଯାଞ୍ଚ କରାଯାଇଛି। ଥାନା ଅଧୀନ ବାଲିମୁଣ୍ଡା ଓ ରାଜଘରପୋଖରୀ ବଜାରଠାରେ ବିଭିନ୍ନ ଗାଡ଼ି, ବାଇକ୍ ଓ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଥିଲା। ସେହିପରି ବିଭିନ୍ନ ରାଜନୈତିକ ଦଳର କାର୍ଯ୍ୟାଳୟ ଓ ଦୋକାନ ବଜାରରେ ଯାଞ୍ଚ ସହ ଆଇନଶୃଙ୍ଖଳା ରକ୍ଷା କରିବା ଦିଗରେ ପୋଲିସକୁ ସହଯୋଗ କରିବାକୁ ଥାନାଧିକାରୀ ରତିକାନ୍ତ ଗିରି ପରାମର୍ଶ ଦେଇଛନ୍ତି। ଏସ୍ଆଇ ସୁଦର୍ଶନ ଜେନା, ସୁଦର୍ଶନ ପ୍ରଧାନ ଓ ଦିଲୀପ କୁମାର ଦେହୁରୀ ପ୍ରମୁଖ ଯାଞ୍ଚରେ ସାମିଲ ଥିଲେ।

### ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ମାଇକ ପ୍ରଚାର



**ବନ୍ତ, ୨୫।୪ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ପୋଲିସ ପକ୍ଷରୁ ସ୍ୱଚ୍ଛ, ଅବାଧ ନିର୍ବାଚନ ପାଇଁ ଗୁରୁବାର ମାଇକ୍ ପ୍ରଚାର କରାଯାଇଛି। ଆସନ୍ତା ୨୯ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ଆଗୁଆ ସତର୍କତା ପାଇଁ ଗ୍ରାମାଞ୍ଚଳ ଓ ବଜାରରେ ସମସ୍ତ ଦୋକାନ ରାତି ୧୦ଟା ସୁଦ୍ଧା ବନ୍ଦ କରିବାକୁ ଘୋଷଣା କରାଯାଇଛି। ଥାନା ଏଏସ୍ଆଇ ଶ୍ରୀକାନ୍ତ ତରାଇଙ୍କ ନେତୃତ୍ୱରେ ଆଗରପଡ଼ା ବଜାର, ଆଡ଼ିଆ, କାଦବରାଙ୍ଗ, ଅଣିଜୋ, ବାଲିପୁର ବଜାର ସମେତ ଥାନା ଅଧୀନ ସମସ୍ତ ଅଞ୍ଚଳରେ ଏହି ପ୍ରଚାର କରାଯାଇଥିଲା।

### ୬ ବଖରା ଜଳିଗଲା

**ତିହିଡ଼ି, ୨୫।୪ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସିନ୍ଦୋଳ ପଞ୍ଚାୟତ କମାରିଆ ଗ୍ରାମରେ ଗୁରୁବାର ସକାଳେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୬ ବଖରା ପକ୍କାଘର ଜଳିଯାଇଛି। ଗ୍ରାମର ସୁଦର୍ଶନ ନାୟକ, ମନୋଜ ନାୟକ, ଅରବିନ୍ଦ ନାୟକ ଓ ଅଭୟ ନାୟକଙ୍କ ଘର ପୋଡ଼ିଯାଇଛି। ଘର ଭିତରେ ଥିବା ସମସ୍ତ ଆସବାବପତ୍ର ସମେତ ଟଙ୍କା ଓ ସୁନା ଅଳଙ୍କାର ପୋଡ଼ି ପାଉଁଶ ହୋଇଯାଇଛି। ତିହିଡ଼ିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଇଛି।

# ଚାନ୍ଦବାଲି ନେତାଙ୍କ ଫୋକସ୍‌ରେ ଧାମରା

**ଚାନ୍ଦବାଲି, ୨୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଧାମରା ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଏଠାରେ ସାମୁଦ୍ରିକ ବନ୍ଦର ସାଙ୍ଗକୁ ରେଳ ଲାଇନ ସଂଯୋଗ ରାଜ୍ୟ ଓ ଦେଶର ଅର୍ଥନୀତିରେ ଏକ ପ୍ରମୁଖ ଭୂମିକା ନେଇଛି। ଏଠାରେ ପ୍ରସ୍ତାବିତ ଗ୍ୟାସ୍ ଟର୍ମିନାଲ ପ୍ରତିଷ୍ଠା ହେଲେ ଧାମରାର ଗୁରୁତ୍ୱ ଯଥେଷ୍ଟ ବଢ଼ିବ ବୋଲି ଆଶା କରାଯାଇଛି। ସାଧାରଣ ନିର୍ବାଚନ ପାଇଁ ଅଧିକାଂଶ ରାଜନୈତିକ ଦଳର ନେତା ଏଠାରେ ଡେରା ପକାଇବା ସହ ଭୋଟରଙ୍କୁ ମନାଇବାକୁ ଉଦ୍ୟମ କରିଛନ୍ତି। ସବୁ ନେତାଙ୍କ ଫୋକସରେ ଏବେ ଧାମରା ରହିଛି। ମନ୍ତେଇ ନଦୀରେ ପୋଲ ନ ହେବାରୁ ଏହା ବ୍ଲକ ମୁଖ୍ୟ କାର୍ଯ୍ୟାଳୟରୁ ସଡ଼କ ପଥରେ ବିଚ୍ଛିନ୍ନ ହୋଇଛି। ଫଳରେ ଧାମରାକୁ ନେଇ ଉଙ୍କି ମାରିଥିବା ପ୍ରଗତି ମନ୍ତେଇ ନଦୀ ଆରପାରିରେ ଏକ ନିର୍ଦ୍ଦିଷ୍ଟ ସୀମାରେ ଅଟକି ଯାଇଛି ବୋଲି କୁହାଯାଉଛି। ସେହିପରି ଧାମରା ବନ୍ଦରାଞ୍ଚଳରେ ନିଯୁକ୍ତି ସ୍ୱପ୍ନ ଦେଖୁଥିବା ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ନିରାଶ ହେବାକୁ ପଡ଼ିଛି। ବନ୍ଦରାଞ୍ଚଳରେ ଅନେକ କଳକାରଖାନା ଗଢ଼ି ଉଠିବାର ବହୁ ସମ୍ଭାବନା ଥିଲେ ମଧ୍ୟ କୌଣସି ଗୋଟିଏ କାରଖାନା ୨୦୧୨ରୁ ବନ୍ଦର ଆରମ୍ଭରୁ ଅଦ୍ୟାବଧି ଆରମ୍ଭ ନ ହୋଇପାରିବାକୁ ନେଇ ସ୍ଥାନୀୟ ଲୋକେ ନିରାଶ। ଏଭଳି ପରିସ୍ଥିତିରେ ସବୁ ଦଳ ପକ୍ଷରୁ ଧାମରା ଅଞ୍ଚଳର ଭୋଟରଙ୍କୁ ନିଜ ଆଡକୁ ନେବାକୁ ଉଦ୍ୟମ ଚାଲିଛି।



ମନ୍ତେଇ ନଦୀର ଚୌଧୁରୀ ଘାଟରେ ପୋଲ ନ ଥିବାରୁ ଲୋକେ ବିପଦପୂର୍ଣ୍ଣ ଭାବେ ଡଙ୍ଗାରେ ନଦୀ ପାର ହେଉଛନ୍ତି।

ମନ୍ତେଇ ନଦୀର ପୂର୍ବ ପାଖରେ ଧାମରା ଅଞ୍ଚଳରେ ବାଂଶଡ଼ା, ଜାଗୁଲା, କଇଥଖୋଲା, କରଞ୍ଜମାଳ, କରଣପଲ୍ଲୀ, ଦୋସିଙ୍ଗା, ଧାମରା ଓ ପଞ୍ଚୁଟିକ୍ରି ୮ ପଞ୍ଚାୟତ ରହିଛି। ବାଂଶଡ଼ା ପଞ୍ଚାୟତ ଜିଲା ପରିଷଦ ଜୋନ୍ ନମ୍ବର ୪ରେ ଥିବାବେଳେ ଅନ୍ୟ ୭ ପଞ୍ଚାୟତ ୫ ନମ୍ବର ଜୋନ୍‌ରେ ରହିଛି। ଦେଖିବାକୁ ଗଲେ ଏହି ୮ ପଞ୍ଚାୟତ ବିଜେଡିର ଗଡ଼ ଭାବେ ବିଚେଚିତ ହୋଇଆସୁଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏଠାରେ କଂଗ୍ରେସର ପ୍ରଭାବ ବୃଦ୍ଧି ପାଇବା ସହ ଭାଜପା ନିଜର ସ୍ଥିତି ଜାହିର କରିପାରିଥିଲା। ୨୦୧୭ ପଞ୍ଚାୟତ ନିର୍ବାଚନରେ ଧାମରା ଅଞ୍ଚଳର ୮ ପଞ୍ଚାୟତର ଭୋଟକୁ ବିଚାରକୁ ନେଲେ ବିଜେଡି ୧୭,୧୨୨, କଂଗ୍ରେସ ୧୪,୦୫୯, ଭାଜପା ୩୯୪୪ ଖଣ୍ଡ ଭୋଟ ପାଇଥିଲା। ଧାମରା ପଞ୍ଚାୟତର ସମିତିସଭ୍ୟା ମାନସୀ ସାହୁଙ୍କୁ ଚାନ୍ଦବାଲି ପଞ୍ଚାୟତ ସମିତି ଅଧକ୍ଷା ଭାବେ ଅବସ୍ଥାପିତ କରି ବିଜେଡି ଧାମରା ଅଞ୍ଚଳରେ ଦଳର ସ୍ଥିତିକୁ ମଜ୍‌ଭୁତ ଲାଗି ଉଦ୍ୟମ କରିଥିଲେ ମଧ୍ୟ ତାହା ଫସର ଫାଟିଯାଇଛି ବୋଲି ଚର୍ଚ୍ଚା ହେଉଛି। ଧାମରା ଅଞ୍ଚଳରେ ଦଳୀୟ ଗୋଷ୍ଠୀକନ୍ଦଳ ବିଜେଡି ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟଙ୍କ ପାଇଁ ଅଡୁଆ ହୋଇଛି। କଂଗ୍ରେସର ବିଧାୟକ ପ୍ରାର୍ଥୀ ଦିଗମ୍ବର ଦାସ ଧାମରା ଅଞ୍ଚଳର ବାଂଶଡ଼ା ପଞ୍ଚାୟତର ଲୋକ। ଗାଁ ପୁଅ ଭାବେ ସେ ନିଜ ଅଞ୍ଚଳରୁ ଦଳୀୟ ଭୋଟ ବ୍ୟତୀତ ଅନ୍ୟ ଦଳର ଭୋଟ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ଏହି ଅଞ୍ଚଳରେ ଭାଜପାର ସଙ୍ଗଠନ ମଜ୍‌ଭୁତ ନ ଥିଲେ ମଧ୍ୟ ଭାଜପା ପ୍ରତି ଦିନକୁ ଦିନ ବଢୁଥିବା ଜନସମର୍ଥନରୁ ଦଳୀୟ ପ୍ରାର୍ଥୀ ମନମୋହନ ସାମଲ ଲାଭବାନ ହେବାକୁ ଯୋଜନା କରିଛନ୍ତି। ଏଭଳି ସ୍ଥିତିରେ ଏହି ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ହାର୍‌ଜିତ୍ ଧାମରା ଅଞ୍ଚଳର ୮ ପଞ୍ଚାୟତର ଭୋଟ ନିର୍ଣ୍ଣୟ କରିବ ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି। ତେଣୁ ସବୁ ଦଳର ପ୍ରାର୍ଥୀ ଓ ଛାମୁଆ ନେତା ଧାମରାରେ ଡେରା ପକାଇବା ସହିତ ଭୋଟରଙ୍କୁ ମନାଇବାରେ ଲାଗିପଡ଼ିଛନ୍ତି।



ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର।

## ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

**ବ୍ରହ୍ମପୁର ଅଫିସ,୨୫।୪**

ସାଉଥକୋର ମନମୁଖି ନୀତି ଯୋଗୁ ସହରର ଅଧିକାଂଶ ସ୍ଥାନରେ କେଉଁଠି ତାର ରାସ୍ତା ଉପରେ ପଡିଛି ତ ଆଉ କେଉଁଠି ବିଦ୍ୟୁତ୍ ସରଞ୍ଜାମ ରକ୍ଷଣାବେକ୍ଷଣରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରେମନଗର ଅଞ୍ଚଳରେ ଥିବା ୩/୪ ଟ୍ରାନ୍ସଫର୍ମରର ଚାରିପଟେ ପାଚେରି ନାହିଁ । ଏହି ରାସ୍ତା ଦେଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସେଣ୍ଟ ଜାଭିୟର, ମା' ସାରଦା ସ୍କୁଲର ଛାତ୍ରୀଛାତ୍ରମାନେ ଯାତାୟାତ କରୁଛନ୍ତି। ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ତାର ଓହଳି ରହିଥିବାରୁ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଯାନବାହନ ଓ ଲୋକଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ମୁକୁଳା ହୋଇ ପଡ଼ିଥିବା ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରୁଛନ୍ତି। ହେଲେ ସାଉଥକୋ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସେହିପରି ଇଞ୍ଜିନିୟରିଂ ସ୍କୁଲ ଛକ ପଣ୍ଡା କଲୋନୀ, ଲାଞ୍ଜିପଲ୍ଲୀ ଛକ, ଆମ୍ବ ମାର୍କେଟ ଛକ ଏପରି ଅନେକ ସ୍ଥାନରେ ଥିବା ଟ୍ରାନ୍ସଫର୍ମରଗୁଡିକ ଏବେ ମୁକୁଳା ପଡିଛି। ଫଳରେ ଗୋରୁ, ମଇଁଷି ଓ ଛେଳି ଭିତରକୁ ପଶି ଯାଉଛନ୍ତି। ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିଥିବାର ନଜିର ରହିଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଧ୍ୟାନ ଦେଇ ମୁକୁଳା ପଡିଥିବା ଟ୍ରାନ୍ସଫର୍ମର ଚାରିପଟେ ପଚେରି ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ସାଉଥକୋ ବିଇଡ଼ି ୨ ନିର୍ବାହୀ ଯନ୍ତ୍ରୀ ଅମ୍ବିକାନାଥ ପାତ୍ରଙ୍କୁ ପଚାରିବାରୁ କେତେକ ଟ୍ରାନ୍ସଫର୍ମର ଏବେ ବି ମୁକୁଳା ପଡିଛି। ସେଗୁଡିକୁ ଚିହ୍ନଟ କରାଯାଇଛି, ଖୁବଶୀଘ୍ର ସେହି ଟ୍ରାନ୍ସଫର୍ମର ଚାରିପଟେ ପଚେରି ନିର୍ମାଣ କରାଯିବ ବୋଲି କହିଥିଲେ ।

## ଭାଜପାର ବିଜୟ ସଂକଳ୍ପ ସଭା

**ଧାମନଗର, ୨୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକର କଲ୍ୟାଣୀ ପଞ୍ଚାୟତରେ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ଧାମନଗର ଗ୍ରାମୀଣ ମଣ୍ଡଳ ସଭାପତି ଆଇନଜୀବୀ ଦୀପ୍ତିରଞ୍ଜନ ଜେନା ଏଥିରେ ଅଧକ୍ଷତା କରିଥିଲେ। ଧାମନଗର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ବିଷ୍ଣୁ ସେଠୀ ଯୋଗଦେଇ କହିଥିଲେ, ବିଜେଡି ସରକାରଙ୍କ ଅଗଣତାନ୍ତ୍ରିକ ପନ୍ଥା ଯୋଗୁ ଧାମନଗରବାସୀ ବୀତସ୍ପୃହ ହୋଇପଡ଼ିଛନ୍ତି। କେନ୍ଦ୍ରର ମୋଦି ସରକାରଙ୍କ ଉପରେ ରାଜ୍ୟ ବିକାଶର ଭରସା ରଖି ଚଳିତ ନିର୍ବାଚନରେ ଭାଜପାକୁ ବହୁସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଭଦ୍ରକ ଜିଲା ସାଧାରଣ ସମ୍ପାଦକ ଅଶୋକ କୁମାର ପୁହାଣ, ଜିଲା ପରିଷଦ ସଭ୍ୟ ସୁରଥ ସେଠୀ, ମନୋଜ ମଲ୍ଲିକ, ସଭ୍ୟା ରଞ୍ଜିତା ସ୍ୱାଇଁ, ସରପଞ୍ଚ ରୀତାରାଣୀ ଜେନା, ମିଡିଆ ସେଲ୍‌ର ଜିଲା ସଂଯୋଜକ ବୈକୁଣ୍ଠନାଥ ସାହୁ, ବିଧାନସଭା ପ୍ରଭାରୀ ବୁଦ୍ଧଦେବ ଜେନା, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଶାନ୍ତ ସାହୁ, ଯୁବନେତା ଶ୍ରୀକାନ୍ତ ନାୟକ, ରାମଚନ୍ଦ୍ର ମିଶ୍ର, ରବି ଦାସ, ବିଜୟ ରାମ ଓ ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଲ୍ୟାଣୀ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଅନ୍ୟ ଦଳର ୨୦ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି।

## ଭଦ୍ରକ ଆସିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର, ଜୁଏଲ୍ ଓରାମ

**ଭଦ୍ରକ ଅଫିସ, ୨୫।୪**

ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ ଭଦ୍ରକ ଜିଲା ଗସ୍ତ କରିବେ। ସେମାନଙ୍କ ସହ ଭାଜପାର ବହୁ ହେଭିୱେଟ୍ ନେତା, ସିନେତାରକାଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଥିବା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ଅବସରରେ ଭଦ୍ରକ ସହରରେ ପ୍ରାୟ ୨୫ ହଜାର ଭାଜପା ସମର୍ଥକଙ୍କ ଭିଡ଼ ହେବ ବୋଲି କୁହାଯାଇଛି। ଗୁରୁବାର ଅପରାହ୍ନରେ ଭାଜପା ଜିଲା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ଅମ୍ବିକା ଦାସଙ୍କ ଆବାହକତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ଯୋଗଦେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। କାଳିଆ ଯୋଜନାକୁ ସରକାରଙ୍କ ଲକ୍ଷ୍ୟବିହୀନ ଯୋଜନା ବୋଲି ସେ ଆଖ୍ୟା ଦେଇଥିଲେ। ଭାଜପା ସରକାରକୁ ଡବଲ୍ ଇଞ୍ଜିନର ଆଖ୍ୟା ଦେଇ ଶାସନ ଗାଦିକୁ ଆସିଲେ ବିକାଶ କ'ଣ ଲୋକେ ଜାଣିବେ ବୋଲି ସେ କହିଥିଲେ। ସେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଯୋଜନାର ଟିପ୍ପଣୀ ଦେଇଥିଲେ। ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ବିକାଶ ଶ୍ରେଷ୍ଠା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଆନ୍ଧ୍ରରୁ ନାବାଳିକା ଉଦ୍ଧାର

**ପାରଳାଖେମୁଣ୍ଡି,୨୫।୪ (ସ୍ୱ.ପ୍ର.)**

ଗଜପତି ଜିଲା ଗାରବନ୍ଧ ଥାନା ଅଧୀନ ଗଙ୍ଗାବାଡ ପଞ୍ଚାୟତର ଜଣେ ନାବାଳିକା ପଡୋଶୀ ଆନ୍ଧ୍ରରେ ପ୍ରତାରଣାର ଶିକାର ହୋଇଥିବା ନେଇ ପାରଳାଖେମୁଣ୍ଡି ଶିଶୁ କଲ୍ୟାଣ ସମିତି ଖବର ପାଇଥିଲା। ଶିଶୁ କଲ୍ୟାଣ ସମିତି ଅଧିକାରୀମାନେ ଆନ୍ଧ୍ରରେ ପହଞ୍ଚି ତାଙ୍କୁ ସେଠାରୁ ଉଦ୍ଧାର କରିଛନ୍ତି। ପ୍ରକାଶ ଯେ, ଗଙ୍ଗାବାଡ଼ ପଞ୍ଚାୟତର ନାବାଳିକା ଜଣକ ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ସହରର ଏକ ସୂତାକଳରେ କାମ କରିବାକୁ ଯାଇଥିଲେ।

## ଦିୱାନ ଅବୁତାଲେବ୍ ବାବାଙ୍କ ବାର୍ଷିକ ଉତ୍ସବ

**ଭଦ୍ରକ ଅଫିସ, ୨୫।୪**

ଭଦ୍ରକ ପୁରୁଣାବଜାରସ୍ଥିତ କାଜିମହଲା ଗାଁ ସର୍‌ଜମିନଠାରେ ଏରାକିନ ଉର୍ସ କମିଟି ଆନୁକୂଲ୍ୟରେ ହଜରତ ମୌଲାନା ଦିୱାନ ଅବୁତାଲେବ ବାବାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବାବାଙ୍କ ସମାଧିଠାରେ ଜଳ ଲାଗି(ଗୋସଲଖାନି) କରାଯାଇଥିଲା ଏବଂ କମିଟି ଦ୍ୱାରା ଚାଦର ଶୋଭାଯାତ୍ରାରେ ଆସି ବାବାଙ୍କ ସମାଧିରେ ଚାଦର ଚଢ଼ାଯାଇଥିଲା। ଏହି ଅବସରରେ ରାତିରେ ଧର୍ମସଭାର ଆୟୋଜନ କରାଯାଇଥିଲା। ଭାରତର ପ୍ରସିଦ୍ଧ ମୌଲାନା ଗୋଲାମ ହଇଦର(ୟୁପି), ମୌଲାନା ଅବଦୁଲ ରହିମ(ଓଡ଼ିଶା), ସାଏର୍ ଅସରଫ୍ ରଜା ଓ ଅବ୍ବାସ ରଜା ନୁରୀ(କଲିକତା), ମୋଇନ ସଫକ, ଶେଖ୍ ଜୁଲ୍‌ଫୁକାର, ସାହାବାଜା ଗୁଲଫାନ୍(ଭଦ୍ରକ) ଏବଂ ଅଦବି ମରକଚର ପ୍ରସିଦ୍ଧ କବି ମୁସ୍ତାକ ଗୌହର ଧର୍ମସଭାରେ ଯୋଗ ଦେଇଥିଲେ। କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ।




ଅନୁଷ୍ଠିତ ଧର୍ମସଭା।

## ବଢୁଛି ଦେଶୀମଦ କାରବାର

**ରାୟଗଡ଼(ଗଜପତି), ୨୫।୪(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକରେ ଦେଶୀ ମଦ କାରବାର ଦିନକୁ ଦିନ ବଢିବାରେ ଲାଗିଛି। ଏଠାରେ ମଦ ରନ୍ଧା ହେବା ସହ ଅନ୍ୟ ବ୍ଲକକୁ ଚାଲାଣ ହେଉଛି। ବାରମ୍ବାର ଅଭିଯୋଗ ପରେ ବି ଅବକାରୀ ବିଭାଗ ଚୁପ୍ ବସିଛି। ବରଂ କେରାଣ୍ଡି ଧରି ଭାକୁର ଛାଡିବା ନୀତି ଆପଣାଇଛି। ବିଭାଗ ମଝିରେ ମଝିରେ କାଭାଁ ଚଢାଉ କରି ଛୋଟ ବ୍ୟବସାୟୀଙ୍କୁ ଧରି ବଡ଼ ବ୍ୟବସାୟୀଙ୍କୁ ଛାଡି ଦେଉଛି। ବଢୁଥିବା ମଦ କାରବାରକୁ ରୋକିବାରେ ବିଭାଗ ଫେଲ୍ ମରୁଥିବା ଆଲୋଚନା ହେଉଛି।

ରାୟଗଡ଼ ବ୍ଲକର ୨୧ଟି ପଞ୍ଚାୟତର ମଧ୍ୟରୁ ପ୍ରାୟ ସବୁଠି ବେଆଇନ ମଦ ରନ୍ଧା ଓ ଚୋରା ଚାଲାଣ ହେଉଛି। ପ୍ରତି ଗ୍ରାମର ଗଳିକନ୍ଦିରେ ବେଆଇନ ମଦ ବେପାର ଚାଲୁଥିବାବେଳେ ଅବକାରୀ ବିଭାଗ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ବିଭିନ୍ନ ବର୍ଗର ଲୋକେ ମଦ ପ୍ରତି ଆକୃଷ୍ଟ ହେଉଛନ୍ତି। ଦିନ ମଜୁରିଆ ପ୍ରତିଦିନର ପାରିଶ୍ରମିକକୁ ଏହି ମଦ ପିଇବାରେ ଉଡାଉଥିବାବେଳେ ପରିବାର ଲୋକେ ଭୋକ ଉପାସରେ ଆଉଟୁ ପାଉଟୁ ହେଉଛନ୍ତି। ସେହିଭଳି ଯୁବଗୋଷ୍ଠୀ ମଧ୍ୟ ମଦ୍ୟପାନ କରି ପଥଭ୍ରଷ୍ଟ ହେଉଛନ୍ତି। ମଦ୍ୟପଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ମହିଳା ଓ ଯୁବତୀମାନେ ବାହାରକୁ ଗୋଡ଼ କାଢିବା ପାଇଁ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଏହି ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବାକୁ ସ୍ଥାନୀୟ ଲୋକେ, ଏସ୍ଏଚ୍‌ଜି ମହିଳା ବାରମ୍ବାର ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ମୋଟା ଅଙ୍କର ଟଙ୍କା ନେଇ ବିଭାଗୀୟ କର୍ମଚାରୀ ବେଆଇନ ମଦ କାରବାର ପ୍ରତି ଅଣଦେଖା କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହି ବେଆଇନ ମଦ କାରବାର ବନ୍ଦ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ନିଆଁକୁ ଆୟତ୍ତ କଲେ ବନ୍ଦର ଅଗ୍ନିଶମ କର୍ମଚାରୀ

**ଭଦ୍ରକ ଅଫିସ, ୨୫।୪**

ଭଦ୍ରକ ଦୋସିଙ୍ଗା ପଞ୍ଚାୟତ ରବୀନ୍ଦ୍ରନଗର ଗ୍ରାମର ଭାଗବତ ମଣ୍ଡଳଙ୍କ ଘରେ ବୁଧବାର କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ସଙ୍ଗେ ସଙ୍ଗେ ଏହା ପାର୍ଶ୍ୱବର୍ତ୍ତୀ ଆଉ ୨ ଘରକୁ ବ୍ୟାପି ଯାଇଥିଲା। ଧାମରା ବନ୍ଦର କର୍ତ୍ତୃପକ୍ଷ ଏହି ଖବର ପାଇବା ମାତ୍ରେ ସିଦ୍ଧାର୍ଥ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ୭ ଜଣିଆ ଦଳ(ଅଗ୍ନିଶମ ଓ ସୁରକ୍ଷା ବିଭାଗ) ପହଞ୍ଚି ନିଆଁ ଲିଭାଇଥିଲେ।

## ଧାମରା ପୋର୍ଟ ପୁରସ୍କୃତ

**ଭଦ୍ରକ ଅଫିସ, ୨୫।୪**

ଆଦାନୀ ପୋର୍ଟସ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍‌ର ସହାୟକ କମ୍ପାନୀ ଧାମରା ପୋର୍ଟ କମ୍ପାନୀ ଲିମିଟେଡ (ଡିପିସିଏଲ୍) ଜୈବ ବିବିଧତା ସଂରକ୍ଷଣ, ପରିବେଶ ଏବଂ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ 'ଏକ କାମ୍ ଦେଶ୍ କେ ନାମ୍' ଏକ୍ସିଡ୍ ଗୋଲ୍ଡ ପୁରସ୍କାର ଲାଭ କରିଛି। ୨୦୧୮ ବର୍ଷ ପାଇଁ ନୂଆଦିଲ୍ଲୀଠାରେ ନିକଟରେ ଆୟୋଜିତ ଏକ ସ୍ୱତନ୍ତ୍ର ମହୋତ୍ସବରେ ସମଗ୍ର ବିଶ୍ୱର ବିଶିଷ୍ଟ ବ୍ୟବସାୟୀ, ସରକାରୀ ଅଧିକାରୀ ଏବଂ ଅନ୍ୟ ଅତିଥିଙ୍କ ଗହଣରେ ଧାମରା ପୋର୍ଟ କର୍ତ୍ତୃପକ୍ଷଙ୍କୁ ଏହି ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଦିଲ୍ଲୀର ଲ୍ୟୁଟନାଣ୍ଟ ଗଭର୍ନର ଏଚ୍. ଅନିଲ ବାଇଜଲ ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଯେ, ଏକ୍ କାମ୍ ଦେଶ୍ କେ ନାମ୍(ଇକେଡିକେଏନ୍) ହେଉଛି ଏକ ଅଣ ସରକାରୀ, ଅଣ ଅର୍ଥଯୋଗାଣ ସଂସ୍ଥା, ଯାହାକି ଜାତୀୟ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ସ୍ୱତଃପ୍ରବୃତ୍ତ ଭାବେ ଜଡ଼ିତ ହୋଇ ଏହିଭଳି ପୁରସ୍କାର ପ୍ରଦାନ କରିଥାଏ।




ଧାମରା ପୋର୍ଟ କର୍ତ୍ତୃପକ୍ଷ (ବାମରୁ ପ୍ରଥମ)ଙ୍କୁ ପୁରସ୍କୃତ କରାଯାଉଛି।

## ସେଣ୍ଟ ଜାଭିୟର ସ୍କୁଲର ବାର୍ଷିକ ଉତ୍ସବ

**ଧାମନଗର, ୨୫।୪ (ଡି.ଏନ.ଏ.)**

ଧାମନଗରସ୍ଥିତ ସେଣ୍ଟ ଜାଭିୟର ସ୍କୁଲର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧାମନଗର ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ଧୁତା ବଢ଼ିବା ସହ ସେମାନେ ଉତ୍ସାହିତ ହୋଇଥାନ୍ତି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଆଇଜିଏମ୍ କଲେଜ ଅଧାପକ ଚିତ୍ତରଞ୍ଜନ ଦାସ ଏବଂ ସମ୍ମାନିତ ଅତିଥି ଭାବେ କାନ୍ତ ସାହିତ୍ୟ ପରିଷଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ଯୋଗଦେଇ ନିଜ ମାତୃଭାଷା ସହିତ ଆନ୍ତର୍ଜାତିକ ଭାଷା ଭାବେ ଇଂଲିଶ ଆହରଣ ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ରାଜ୍ୟସ୍ତରରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍କୁଲ ଅଧକ୍ଷ ଜନ୍ମେଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିକ୍ଷାବିତ୍ ହେମେନ୍ଦ୍ର ମହାନ୍ତି, ମହେଶ୍ୱର ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ଗୋପାଳ ବେହେରା, କବିତା ନାୟକ, ଧୀରେନ୍ଦ୍ର ତ୍ରିପାଠୀ ଓ ଲକ୍ଷ୍ମୀଧର ସାହୁ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ।



ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଉଛି।

## ସେବାୟତଙ୍କ ପକ୍ଷରୁ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଆରଡ଼ି, ୨୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଦୁର୍ଗାପଡ଼ିଆରେ ଗୁରୁବାର ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସଭାରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଯୋଗ ଦେଇଥିଲେ। ଆରଡ଼ି, ନାନ୍ଦପୁର, ଓଳଗ, ସୁନ୍ଦରପୁର ଆଦି ପଞ୍ଚାୟତରୁ ଶତାଧିକ ଭାଜପା କର୍ମୀ ଏହି ଉପଲକ୍ଷେ ଚାନ୍ଦବାଲି ଯାତ୍ରା କରିଥିଲେ। ଏହି ଅବସରରେ ଆରଡ଼ିର ସେବାୟତ ତପନ ପାଢ଼ୀ, ସୁଧୀର ପାଢୀ, ଦେବୁ ପାଢୀ, କିଷନ ପାଢୀ ଓ କାଳିଆ ପାଢୀ ପ୍ରମୁଖ ମଞ୍ଚ ଉପରକୁ ଯାଇ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀ ରାଜନାଥଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ ସେମାନେ ବାବା ଆଖଣ୍ଡଳମଣିଙ୍କ ଦିଗମ୍ବର ବେଶର ଫଟୋ ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ବାବାଙ୍କ ମହିମା ବିଷୟରେ ଚାନ୍ଦବାଲି ଭାଜପା ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ମନ୍ତ୍ରୀ ରାଜନାଥଙ୍କୁ ଅବଗତ କରାଇଥିଲେ।

## 'ଶିକ୍ଷା ସମାଜର ଅବିଚ୍ଛେଦ୍ୟ ଅଙ୍ଗ'

**ପଦ୍ମପୁର, ୨୫।୪ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ନାୟକାଣିଡିହୀଠାରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ମାର୍କଣ୍ଡ ତରାଇ ଏଥିରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ଶିକ୍ଷକ ଗଦାଧର ଦାସ ମୁଖ୍ୟବକ୍ତା ଏବଂ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ବିକାଶ କୁମାର କାଠ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାକେନ୍ଦ୍ର ଅଞ୍ଚଳର ବହୁ ମେଧାବୀ ଛାତ୍ରଙ୍କ ଭବିଷ୍ୟତ ତିଆରି କରେ। ଶିକ୍ଷା ସମାଜର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ବାରିକ ସଭା ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭଦ୍ରକ ଅଫିସ, ୨୫।୪**

ଭଦ୍ରକ ବ୍ଲକ ବେନ୍ତାଳ ପଞ୍ଚାୟତ କାଶଲପୁର ଗ୍ରାମର ମା' ମଙ୍ଗଳା ଟ୍ରଷ୍ଟ ବୋର୍ଡର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗରେ ମଙ୍ଗଳା ମନ୍ଦିରର ୩୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଚଣ୍ଡିହୋମ, ପାଲୁଆ ମେଳଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ପ୍ରତିଯୋଗିତା, ନାମ ସଂକୀର୍ତ୍ତନ, ନଗର ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଗୁଜିଦରଡା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ଭୁୟାଁ ଓ ଅନ୍ୟତମ ଅତିଥି ଭାବେ ଭାଗବତ ଦାସ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ଓଝା, ଯୁଧିଷ୍ଠିର ମଲ୍ଲିକ, ବୈରାଗୀ ମଲ୍ଲିକ, ନରହରି ନାୟକ ଓ ଅକ୍ଷୟ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ।

